RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -180 | ସଂଖ୍ୟା-୧୮୦
ଭୁବନେଶ୍ୱର, ସୋମବାର, ୨୯ ସେପ୍ଟେମ୍ବର ୨୦୨୫
Bhubaneswar, Monday, 29 September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଏସିଆ କପ୍ : ପାକିସ୍ତାନକୁ ହରାଇ ଭାରତ ଚାମ୍ପିଅନ୍





## ପାକିସ୍ତାନ ୧୪୬, ଭାରତ ୧୫୦/୫

## ତିଲକ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଅଭିଷେକ ମ୍ୟାନ୍ ଅଫ୍ ଦି ସିରିଜ୍

**ଦୁବାଇ,୨୮।୯(ନି.ପ୍ର.):** ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଏସିଆ କପ୍ କ୍ରମାଗତରେ ଲଗାତାର ତୃତୀୟ ଥର ହରାଇ ୯ମ ଥର ପାଇଁ ଚାମ୍ପିଅନ୍ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୪୬ ରନ୍ କରିଥିବାବେଳେ ଭାରତ ୧୯.୪ ଓଭରରେ ୧୫୦ ରନ୍ କରିଥିଲା। ଅନ୍ତିମ ଓଭର ପର୍ଯ୍ୟନ୍ତ କିଏ ବାଜିମାରିବ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ରିଙ୍କୁ ସିଂ ଚୌକା ମାରିବା ସହ ବିଜୟମୁଣ୍ଡି ମାରିଥିଲେ। ତେବେ ମ୍ୟାଚରେ ଅସଲ ହିରୋ ସାଜିଥିଲେ ଯୁବତାରକା ତିଲକ ବର୍ମା। ଅନ୍ତିମ ଓଭରରେ ୧୦ ରନ୍ ଆବଶ୍ୟକ ପଡୁଥିବାବେଳେ ତିଲକ ଦ୍ୱିତୀୟ ବଲରେ ଛକା ମାରି ବିଜୟ ସହଜ କରିଥିଲେ। ସେ ୫୩ ବଲରୁ ୬୯ ରନ୍ (୩ ଚୌକା, ୪ ଛକା) କରି ଅପରାଜିତ ରହିଥିଲେ। ୧୪୭ ରନ୍ ଟାର୍ଗେଟକୁ ପିଛା କରି ଭାରତ ୨୦ ରନ୍ ମଧ୍ୟରେ ଅଭିଷେକ ଶର୍ମା (୫), ଗିଲ୍ (୧୨) ଓ ସୂର୍ଯ୍ୟକୁମାର ଯାଦବ (୧)ଙ୍କ ୱିକେଟ ହରାଇ ବିପଦରେ ପଡ଼ିଥିଲା। ୪ର୍ଥ ୱିକେଟ ପାଇଁ ତିଲକ ବର୍ମା ଓ ସଞ୍ଜୁ ସାମସନ୍ ୫୭ ରନ୍ ଯୋଗ କରିଥିଲେ। ସାମସନ ୨୧ ବଲରୁ ୨୪ ରନ୍ କରି ଆଉଟ୍ ହୋଇଥିଲେ। ପରେ ଶିବମ ଦୁବେ ୨୨ ବଲରୁ ୩୩ ରନ୍ କରି ୫ମ ୱିକେଟ ପାଇଁ ୬୦ ରନ୍ ଯୋଗ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବା ପରେ ଦଳକୁ ବିଜୟ ସହଜ ହୋଇଥିଲା। ପାକିସ୍ତାନ ପକ୍ଷରୁ ଫହିମ ଅଶ୍ରଫ ସର୍ବାଧିକ ୩ ୱିକେଟ ନେଇଥିଲେ।

ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିବା ପାକିସ୍ତାନର ଆରମ୍ଭ ଏକ ସ୍ୱାଭାବିକ ସ୍ଥିତିରେ ହୋଇଥିବା ବେଳେ ଭାରତୀୟ ବୋଲରଙ୍କ ଘାତକ ବୋଲିଂରେ ଘାଇଲା ହୋଇଥିଲେ ପାକିସ୍ତାନ ବ୍ୟାଟର ।ପାକିସ୍ତାନ ମାତ୍ର ୬୨ ରନରେ ସମସ୍ତ ୧୦ ୱିକେଟ ହରାଇଥିଲା। ପାୱାରପ୍ଲେ ପରେ, ଭାରତୀୟ ସ୍ପିନରମାନେ ଯାଦୁର ଜାଲ ବିଛାଇ ସମସ୍ତ ୧୦ ୱିକେଟ୍ ନେଇଥିଲେ। ଗନ୍ ସେଲିବ୍ରେସନ୍ ପାଇଁ ଜଣାଶୁଣା ସାହିବଜାଦା ଫରହାନ ଫାଇନାଲରେ ୫୭ ରନର ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ ୱିକେଟ୍ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ, ଜସପ୍ରିତ ବୁମରାହ ଏବଂ ଅକ୍ଷର ପଟେଲ ପ୍ରତ୍ୟେକେ ଦୁଇଟି ଲେଖାଏଁ କେଟ୍ ନେଇଥିଲେ। ଆରମ୍ଭରୁ, ସାହିବଜାଦା ଫରହାନ ଏବଂ ଫଖର ଜମାନଙ୍କ ଦୃଢ଼ ପ୍ରଦର୍ଶନରୁ ଲାଗୁଥିଲା ଯେପରି ଟିମ୍ ଇଣ୍ଡିଆ। ଭୁଲ ନିଷ୍ପତ୍ତି ନେଇଛି। ଅଷ୍ଟମ ଓଭର ପର୍ଯ୍ୟନ୍ତ, ଫରହାନ ଏବଂ ଜମାନ ପ୍ରାୟ ୯ ରନ ହାରରେ ସ୍କୋରବୋର୍ଡକୁ ଘୁଞ୍ଚାଉଥିଲେ। ତଥାପି, ୮୪ ରନ ସ୍କୋରରେ ଫରହାନଙ୍କ ୱିକେଟ ପଡ଼ିବା ମାତ୍ରେ ପାକିସ୍ତାନର ୱିକେଟ ପତନ ଆରମ୍ଭ ହୋଇଥିଲା ।ଗୋଟିଏ ସମୟରେ ପାକିସ୍ତାନ ଗୋଟିଏ ୱିକେଟ୍ ହରାଇ ୧୧୩ ରନ୍ କରିଥିଲା ପରବର୍ତ୍ତୀ ୩୩ ରନ୍ ମଧ୍ୟରେ ସେମାନେ ବାକି ୯ ଓ୍ୱିକେଟ୍ ହରାଇଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ସାହିବଜାଦା ଫରହାନ୍, ଫଖର ଜମାନ୍ ଏବଂ ସାମ୍ ଆୟୁବଙ୍କ ବ୍ୟତୀତ ଅନ୍ୟ କୌଣସି ପାକିସ୍ତାନୀ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ ଆୟୁବ (୧୪), ମହମ୍ମଦ ହାରିସ (୦), ସଲମାନ ଆଘାତ (୮), ଏଚ୍ ତାଲାତ ୧, ମହମ୍ମଦ ନୱାଜ ୦୬, ଆଫିଦ୍ରି ୦, ଅଶ୍ରଫ ୦, ହାରିସ ରଫ ୬ ରନ୍ କରିଥିଲେ। ମୋଟାମୋଟି ଭାବରେ, ପାକିସ୍ତାନ ମାତ୍ର ୬୨ ରନ୍‌ରେ ଅଲ୍ ଆଉଟ୍ ହୋଇଗଲା।

## ବନ୍ଧା ହେଲେ ବାବା ଚୈତନ୍ୟାନନ୍ଦ

**ନୂଆଦିଲ୍ଲୀ,୨୮।୯ନି.ପ୍ର.):** ଦିଲ୍ଲୀ ପୁଲିସ୍ ଦ୍ୱାରା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ପାର୍ଥ ସାରଥୀଙ୍କୁ ଗତ ରାତିରେ ଆଗ୍ରାର ଏକ ହୋଟେଲରୁ ଗିରଫ୍ କରାଯାଇଛି। ତାଙ୍କ ବିରୁଦ୍ଧରେ ଆର୍ଥିକ ଭାବେ ଦୁର୍ବଳ ଶ୍ରେଣୀ ପାଇଁ ଦିଆଯାଉଥିବା ଛାତ୍ରବୃତ୍ତିରେ ପିଜିଡିଏମ କୋର୍ସ ପଢୁଥିବା କିଛି ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ କରିବା ଅଭିଯୋଗ ହୋଇଛି ।ଦକ୍ଷିଣ-ପଶ୍ଚିମ ଦିଲ୍ଲୀର



ବସନ୍ତ କୁଞ୍ଜ ଅଞ୍ଚଳର ଏକ ଆଶ୍ରମର ନିର୍ଦ୍ଦେଶକଙ୍କ ଉପରେ ୧୭ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ନେଇ ଅଭିଯୋଗ ଥିଲା। ପୁଲିସ ସୂଚନା ଅନୁଯାୟୀ ଆଶ୍ରମର ନିର୍ଦ୍ଦେଶକ ଚିନ୍ମୟାମା ନନ୍ଦଙ୍କ ବିରୋଧରେ ୧୫ଜଣ ଛାତ୍ରୀ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁସାରେ ୱାର୍ଡେନ ଛାତ୍ରୀମାନଙ୍କୁ ଅଭିଯୁକ୍ତଙ୍କ ସହ ପରିଚୟ କରାଇଥିଲେ ।ଅଭିଯୋଗ ହେବା ପରେ ପୁଲିସ ବସନ୍ତ କୁଞ୍ଜ ଉତ୍ତର ପୁଲିସ ଷ୍ଟେସନରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ବାବାଙ୍କୁ ଧରିବାକୁ ଛାନଭିନ ଆରମ୍ଭ କରିଥିଲା। ସୂଚନା ଅନୁସାରେ ଅଭିଯୁକ୍ତ ବାବାଙ୍କୁ ଧରିବାକୁ ଶେଷ ସ୍ଥାନ ଆଗ୍ରାର ଆଖପାଖରେ ଚିହ୍ନଟ କରାଯାଇଥିଲା ୩୨ଜଣ ଛାତ୍ରୀଙ୍କ ମଧ୍ୟରୁ ୧୭ଜଣ ଛାତ୍ରୀ ଯୌନ ନିର୍ଯାତନା ନେଇ ଅଭିଯୋଗ କରିଥିଲେ। ଛାତ୍ରୀ ମାନଙ୍କ କହିବାନୁଯାୟୀ ସେମାନଙ୍କୁ ଅପମାନଜନକ ଭାଷା, ଅଶ୍ଲୀଳ ହ୍ୱାଟସଆପ୍ ମେସେଜ୍ ଏବଂ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରାଯାଉଥିଲା।

## ବିହାର ନିର୍ବାଚନରେ ୧୨ ଓଡ଼ିଆ ଅଫିସରଙ୍କୁ ଗୁରୁଦାୟିତ୍ୱ

**ନୂଆଦିଲ୍ଲୀ,୨୮।୯(ନି.ପ୍ର.):** ବିହାର ବିଧାନସଭା ନିର୍ବାଚନ ସହ ଓଡ଼ିଶାର ନୂଆପଡ଼ା ସମେତ ମୋଟ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ତାରିଖ ଘୋଷଣା ହୋଇନଥିଲେ ମଧ୍ୟ ନିର୍ବାଚନ କମିଶନ ପ୍ରସ୍ତୁତି ଆରମ୍ଭ କରିବା ଏହି ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ୧୨ଜଣ ଅଫିସରଙ୍କ ସମେତ ମୋଟ ୪୭୦ଜଣ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ସମସ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ଆସନ୍ତାମାସ ୩ତାରିଖରେ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ବୈଠକରେ ନିଶ୍ଚିତ ଉପସ୍ଥିତ ରହିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ଏହି ଅଫିସରମାନଙ୍କୁ ୨୭ତାରିଖରେ ଅବଗତ କରାଯାଇଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢ଼ୋଲକିଆଙ୍କର ମୃତ୍ୟୁଯୋଗୁ ନୂଆପଡ଼ାରେ ଉପର୍ନିବାଚନ ଅନୁଷ୍ଠିତ ହେବ।

ଜାତୀୟ ନିର୍ବାଚନ ଆୟୋଗ ଗତ ୨୬ତାରିଖରେ ଓଡ଼ିଶା କ୍ୟାଡ଼ରର ୧୦ଜଣ ଆଇଏଏସ୍ ଓ ୨ଜଣ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେବା ପରେ ରାଜ୍ୟ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂ ଗତକାଲି ଓଡ଼ିଶା କ୍ୟାଡ଼ରର ଅଫିସରମାନଙ୍କୁ ଚିଠି ଲେଖି ଆସନ୍ତା ୩ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ଇଂଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେ ପ୍ରତିଷ୍ଠାନରେ ନିଶ୍ଚିତ ଭାବେ ସକାଳ ୯ଟା ସୁଦ୍ଧା ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଡିଜି(ମୁଖ୍ୟାଳୟ) ୨୦୦୦ ବ୍ୟାଚ୍ ଆଇପିଏସ୍ ପ୍ରତୀକ ମହାନ୍ତି ଓ ଆଇଜି(ସିଏଡବ୍ଲ୍ୟୁ) ୨୦୦୧ ଅରଇପିଏସ୍ ସାଇନି ଏସଙ୍କ ସମେତ ରାଜ୍ୟ ସମବାୟ




ବିଭାଗ ସଚିବ ୨୦୦୫ ବ୍ୟାଚର ଆଇଏଏସ୍ ରାଜେଶ ପ୍ରଭାକର ପାଟିଲ, ଉଚ୍ଚଶିକ୍ଷା ସଚିବ ୨୦୦୭ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲ ଓ ପର୍ଯ୍ୟଟନ ସଚିବ ୨୦୦୭ ବ୍ୟାଚର ବଳବନ୍ତ ସିଂ, ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ୨୦୦୮ବ୍ୟାଚର ଭୂପେନ୍ଦ୍ର ସିଂ ପୁନିଆ ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି ପରମେଶ୍ୱରନ୍, ଏମଏସଏମଇ ବିଭାଗର ସଚିବ ୨୦୦୯ ବ୍ୟାଚର ଡି ପ୍ରଶାନ୍ତ କୁମାର ରେଡ୍ଡୀ, ଟେକ୍ସଟାଇଲ୍ ଓ ହ୍ୟାଣ୍ଡଲୁମ୍ ନିର୍ଦ୍ଦେଶକ ୨୦୧୦ ବ୍ୟାଚର ପ୍ରେମଚନ୍ଦ୍ର ଚୌଧୁରୀ, ଶ୍ରମ କମିଶନର ୨୦୧୧ ବ୍ୟାଚର ଇନ୍ଦ୍ରମଣି ତ୍ରିପାଠୀ, ଅର୍ଥ ବିଭାଗର ଯୁଗ୍ମ ସଚିବ ୨୦୧୨ ବ୍ୟାଚର ସିଦ୍ଧାର୍ଥ ଦାସ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ୨୦୧୩ ବ୍ୟାଚର ଆଇଏଏସ୍ ଶୁଭଶ୍ରୀ ନନ୍ଦଙ୍କୁ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି ।ବିହାର ବିଧାନସଭା ଓ ୭ଟି ରାଜ୍ୟର ୮ଟି ବିଧାନସଭାର ଉପନିର୍ବାଚନ ନିମନ୍ତେ ନିର୍ବାଚନ କମିଶନ ମୋଟ ୪୭୦ଜଣ ଅଫସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ଯେଉଁଥିରେ ୩୨୦ଜଣ ,୬୦ଜଣ ୯୦ଜଣ ଅନ୍ୟ ସର୍ବଭାରତୀୟ ସେବାର ଅଫିସର ରହିଛନ୍ତି। କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ସମସ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ପାଇଁ ଅକ୍ଟୋବର ୩ ତାରିଖ ଶୁକ୍ରବାର ଦିନ ନୂଆଦିଲ୍ଲୀର ଆଇଆଇଆଇଡିଇଏମ ଠାରେ ଏକ ବୈଠକ ଆୟୋଜନ କରାଯାଇଛି। ଏହି ବୈଠକରେ ଅନୁପସ୍ଥିତ ରହୁଥିବା ଅଧିକାରୀଙ୍କ ବିରୁଦ୍ଧରେ କମିଶନଙ୍କ ପକ୍ଷରୁ କଡ଼ା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି। ସେମାନେ ନିର୍ବାଚନ ପ୍ରକ୍ରିୟାରେ କମିଶନଙ୍କ ଆଖି ଓ କାନ ଭାବରେ କାର୍ଯ୍ୟ କରିବେ ଏବଂ କମିଶନଙ୍କୁ ନିୟମିତ ରିପୋର୍ଟ ପ୍ରଦାନ କରିବେ।ଏହି ପର୍ଯ୍ୟବେକ୍ଷକମାନେ ନିର୍ବାଚନ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରିବେ। ଏହି ଚିଠି ପାଇବାର ୨୪ଘଣ୍ଟା ମଧ୍ୟରେ ଏହି ଅଫିସରମାନଙ୍କୁ ନିଜର ସମ୍ମତି ଲିଖିତ ଭାବେ ର୍ନିବାଚନ କମିଶନଙ୍କୁ ଅବଗତ କରାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ଟଳିଲେ ୩ ମାଓବାଦୀ

**ମାଲକାନଗିରି,୨୮।୯(ନି.ପ୍ର.):** ଓଡ଼ିଶା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲା ଅନ୍ତର୍ଗତ ଛନ୍ଦଖଡ଼କ ଜଙ୍ଗଲରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିବିନିମୟରେ ୩ ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ ଏବଂ ଜଣେ ମହିଳା ମାଓବାଦୀ ରହିଛନ୍ତି। ଉକ୍ତ ଜଙ୍ଗଲରେ ଆଉ କିଛି ମାଓବାଦୀ ଲୁଚି ରହିଥିବା ଅରଶଙ୍କା ଥିବାରୁ ଅପରାହ୍ନ ସୁଦ୍ଧା କୋମ୍ବିଂ ଅପରେସନ ଚାଲିଥିବା ଖବର ମିଳିଛି ।ସୂଚନା ଅନୁସାରେ, ଛିନ୍ଦଖଡ଼କ ଜଙ୍ଗଲରେ ମାଓବାଦୀ ଶିବିର ଚାଲିଥିବା ନେଇ ସୁରକ୍ଷାକର୍ମୀଙ୍କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହା ପରେ ଜିଲା ପୁଲିସ, ଡିଭିଏଫ ଏବଂ ଯବାନଙ୍କ ପକ୍ଷରୁ ଉକ୍ତ ଜଙ୍ଗଲରେ ମିଳିତ କୋମ୍ବିଂ ଆରମ୍ଭ ହୋଇଥିଲା। କୁମ୍ବିଂ ସମୟରେ ମାଓବାଦୀମାନେ ଯବାନଙ୍କୁ ଦେଖି ଗୁଳି ଚାଳନା କରି ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିରେ ୩ ମାଓବାଦୀ ନିହତ ହୋଇଥିଲେ।

## ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

**ପୁରୀ,୨୮।୯(ନି.ପ୍ର.):**ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍। ଦୀର୍ଘ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡିଛି। ଶ୍ରୀମନ୍ଦିର ସହିତ ଆନନ୍ଦ ବଜାର, ସ୍ନାନ ମଣ୍ଡପ ଉପରେ ଡ୍ରୋନ୍ ଉଡ଼ିଥିଲା। ଏପରିକି ଚୂନରା ସେବାୟତମାନେ ବାନା ପରିବର୍ତ୍ତନ କରୁଥିବା ସମୟରେ ଡ୍ରୋନ୍ ଦ୍ୱାରା ସମସ୍ତ ଭିଡିଓ ନିଆଯାଇଥିବା ଦେଖିବାକୁ ମିଳିଛି। ନୋ ଫ୍ଲାଇଙ୍ଗ ଜୋନ୍‌ରେ ବାରମ୍ବାର ଏଭଳି ଡ୍ରୋନ୍ ଉଡୁଥିବାରୁ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଡ୍ରୋନଟି କିଏ ଏବଂ କେଉଁଠାରୁ ଅପରେଟ୍ କରିଛି ତାହା ସ୍ପଷ୍ଟ ହୋଇନାହିଁ ।ତେବେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ବାରମ୍ବାର ଅବାଧରେ ଡ୍ରୋନ୍ ଉଡୁଥିବା ବେଳେ ଏହା ଉପରେ ପୋଲିସ ପକ୍ଷରୁ କୌଣସି ଅଙ୍କୁଶ ଲଗାଯାଇ ପାରୁନାହିଁ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ପଇଁତରା ମାରିଥିଲେ ମଧ୍ୟ ପୋଲିସ କିନ୍ତୁ ଏହାର ଟେର୍ ପାଇପାରିନାହିଁ। ସେପଟେ କେବେ ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ହେବ ତାକୁ ନେଇ ଉଠିଛି ପ୍ରଶ୍ନ।

## କୌଣସି ନଦୀରେ ବନ୍ୟା ପରିସ୍ଥିତି ନାହିଁ

**ଭୁବନେଶ୍ୱର, ୨୮।୯ (ନି.ପ୍ର.):** କୌଣସି ନଦୀରେ ବନ୍ୟା ପରିସ୍ଥିତି ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ।ସେ କହିଛନ୍ତି ଯେ, ଗତକାଲି କେଳ ୩ ବ୍ଲକ ହେଡ୍‌କ୍ୱାଟରରେ ୫୦ ମିଲିମିଟର ବର୍ଷା ହୋଇଛି ।ବର୍ଷାର ପ୍ରଭାବ କମିଛି। ସବୁ ନଦୀ ବିପଦ ସଂକେତ ତଳେ ଅଛି। ହୀରାକୁଦରେ ୨.୨୮ ଲକ୍ଷ କ୍ୟୁସେକ ଜଳ ପ୍ରବେଶ ଓ ୧.୩୨ ଲକ୍ଷ କ୍ୟୁସେକ ଜଳ ୬ ଗେଟ ଦେଇ ନିଷ୍କାସନ ହେଉଛି। ୮୫୫ କ୍ୟୁମେକ ରେଙ୍ଗାଲି ଜଳଭଣ୍ଡାରକୁ ପ୍ରବେଶ କରି ୮୦୩ କ୍ୟୁମେକ ଜଳ ନିଷ୍କାସନ ହେଉଛି. ଜଳ ଭଣ୍ଡାର ଗୁଡିକରେ ଜଳ ଧାରଣ କ୍ଷମତା ଅଛି ।ମୁଣ୍ଡଳୀରେ ବି ପାଣି କମୁଛି. କିଛି ଦିନରେ ସ୍ୱାଭାବିକ ହୋଇଯିବ ।ଏହାର ଶାଖା ନଦୀ ବଢ଼ିକି କମିବ ।ଆଇଏମଡି ଆଗକୁ ଥିବା ଲଘୁଚାପ ନେଇ ଆକଳନ କରିବା ପରେ ଜଳ ସମ୍ପଦ ବିଭାଗ ସମୀକ୍ଷା କରିବ ବୋଲି ସେ କହିଛନ୍ତି ।

### ଡାହୁକ



ଏତେ ବର୍ଷ ପରେ ପଦୁଅଁ ଦଳିଆ
ଏକାକୀ ଶାସନ କରୁଛି
ଘରେ ପଶି ପାଣି ଆଣ୍ଠୁଏ ଉପରେ
ଫରକ କିଛି ପଡୁନି
ରାଜ୍ୟ ଋଣ କରଜରେ ବୁଡୁଚି
ଗୁରୁ ପରି ଶିଷ୍ୟ ବାହସ୍ପଟ ମାରି
ରଙ୍ଗା ବୋଲା ବୋଲି କରୁଚି।

– ବିଧୁ

## ଓଡ଼ିଶା ରିସର୍ଚ୍ଚ ସେଣ୍ଟର ଓ ଟିଆଇଏସଏସ ମୁମ୍ବାଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର

**ଭୁବନେଶ୍ୱର,୨୮।୯(ନି.ପ୍ର.):** ଓଡ଼ିଶା ରିସର୍ଚ୍ଚ ସେଂଟର(ଓଆରଏସ), ଭୁବନେଶ୍ୱର ଏବଂ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ (ଟିଆଇଏସଏସ), ମୁମ୍ବାଇ ମଧ୍ୟରେ ହୋଇଥିବା ବୁଝାମଣା ପତ୍ର(ଏମଓୟୁ) ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ଓଡ଼ିଶାର ଭବିଷ୍ୟତ ଓ ଯୁବପିଢିର ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରବିବାର ଏହି ଏମଓୟୁ ସ୍ୱାକ୍ଷର ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଓଆରଏସ ଏବଂ ଟିଆଇଏସଏସ ମୁମ୍ବାଇ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଦୁଇଟି ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଏହା କେବଳ ଦୁଇଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଚୁକ୍ତିନାମା ନୁହେଁ ବରଂ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢିର ଗବେଷଣାକୁ ଆଗକୁ ନେବା ପାଇଁ ଏକ ମହତ୍ୱକାଂକ୍ଷୀ ଉଦ୍ୟମ ।ଏହି ପଦକ୍ଷେପ ଓଡ଼ିଶାର ସାମାଜିକ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ ।ସେ ଆହୁରି କହିଛନ୍ତି ଯେ ଇତିହାସ ଦର୍ପଣ ସ୍ୱରୂପ ।କୌଣସି ଜାତି ତା'ର ଇତିହାସକୁ ମନେ ନ ପକାଇ ଭବିଷ୍ୟତକୁ ଦେଖିପାରିବନି ।ଓଡ଼ିଶାରେ ସଂଗଠିତ କଳିଙ୍ଗ ଯୁଦ୍ଧର ଇତିହାସ ମଧ୍ୟ ଅନ୍ୟ ଦେଶରେ



ରହିଛି ।ନାକଟିଦେଉଳ ପାଖରେ ଥିବା ଭୀମମଣ୍ଡଳୀ ପରି ଐତିହାସିକ ସ୍ଥାନ, ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଂଚଳ ପୁରାତନ ମାନବ ସଭ୍ୟତା ସହ ଯୋଡି ହୋଇରହିଥିବାର ପ୍ରମାଣ ଦେଉଛି ।ପୁରୀ ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିରର ନିର୍ମାଣ ଶୈଳୀ ଆମ ଓଡ଼ିଆ ଜାତିର ବୈଜ୍ଞାନିକ ଚିନ୍ତାଧାରା ଓ ସାମାଜିକ ବ୍ୟବସ୍ଥାର ପ୍ରତିଫଳନ ।ଓଡ଼ିଶା ଭାଷା ଏବଂ ସାହିତ୍ୟର ମଧ୍ୟ ସୁଦୀର୍ଘ ଇତିହାସ ଅଛି ।ସିଦ୍ଧ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ ।ଏହି ସମସ୍ତ ବ୍ୟବସ୍ଥା ଓ ସାହିତ୍ୟର ମୂଳରେ ଅନ୍ତର୍ନିହିତ ବୈଜ୍ଞାନିକ, ସାମାଜିକ ଓ ଅର୍ଥନୈତିକ ଦର୍ଶନ ରହିଛି ।୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ।୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ ।ଆମକୁ ଆମର ଇତିହାସକୁ ପ୍ରାଥମିକତା ଦେଇ ଓଡ଼ିଶା ଗବେଷଣା କେନ୍ଦ୍ର ମାଧ୍ୟମରେ ଗବେଷଣା ଓ ତଥ୍ୟ ଆଧାରରେ ଯୁବପିଢିଙ୍କ ପାଖରେ ସବୁ ବିଷୟ ଉପସ୍ଥାପନା କରିବା ଆମର ଲକ୍ଷ୍ୟ ।

ଆଞ୍ଚଳିକ ମନ୍ଥନ

ସୋମବାର,୨୯,ସେପ୍ଟେମ୍ବର,୨୦୨୫ Monday,29 September 2025, Bhubaneswar





# ଗଞ୍ଜେଇ ଓ ଚୋରା ବିଦେଶୀ ମଦ ସହିତ ଏକ ମୋଟରସାଇକେଲ ଜବତ

ଜଗତସିଂହପୁର,୨୮।୯:(ମନ୍ଥନ)ଅବକାରୀ ବିଭାଗର ବଡ଼ ସଫଳତା: ୧.୨୦୦କିଗ୍ରା ଗଞ୍ଜେଇ ଓ ଚୋରା ବିଦେଶୀ ମଦ ସହିତ ଏକ ମୋଟରସାଇକେଲ ଜବତଯଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷୀକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ତୀବ୍ର ଅଭିଯାନ ସଫଳ ହୋଇଛି । ଓଆଇସି ସ୍ମିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ତିର୍ତୋଲ ଥାନା ଅନ୍ତର୍ଗତ ବିକିପୁର ଛକରୁ ୧.୨୦୦କିଗ୍ରା ଗଞ୍ଜେଇ ଜବତ କରିଛି ତିର୍ତୋଲ ଅବକାରୀ ଥାନା, ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୧୨୦୦୦ ଟଙ୍କା । ଏହି ଅଭିଯାନରେ ଅଜୟ କୁମାର ସାହାଣୀ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅନ୍ୟ ଘଟଣାରେ,



ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ଙ୍କ ତତ୍ତ୍ୱାବଧାନରେ ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ଛକରୁ ୮.୬୪୦ ଲିଟର ବିଦେଶୀ ମଦ ସହିତ ଗୋଟିଏ ଦୁଇ-ଚକିଆ । ଯାନ ଜବତ କରିଛି ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଓ ଘଟଣାସ୍ଥଳରୁ ଅବକାଶ ସ୍ୱାଇଁ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଜିଲ୍ଲା ଅବକାରୀ ବିଭାଗ ନର୍କୋଟିକ୍ସ ଓ ଚୋରା ମଦ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚଲାଇବାକୁ ସଂକଳ୍ପବଦ୍ଧ ।

# ଦୁବାଇରେ ଚାକିରି ନାଁରେ ଲକ୍ଷାଧିକ ଠକେଇ, କୁକୁଡାଖଣ୍ଡିରୁ ଅଭିଯୁକ୍ତ ଗିରଫ



କୁକୁଡାଖଣ୍ଡି,୨୮।୯:(ମନ୍ଥନ) ବେକାର ଯୁବକ ଯୁବତୀଙ୍କୁ ପାଇପଂ ଟ୍ରେନିଂ ଦେଇ ଦୁବାଇରେ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା କୁକୁଡାଖଣ୍ଡିର ଜଣେ ଯୁବକଙ୍କୁ ସଦର ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୁକୁଡାଖଣ୍ଡି ମେନରୋଡର କେ. ସୋନମ ପାତ୍ର(୨୬) । ପୁଲିସ ଅଭିଯୁକ୍ତ ସେମାନ ନିକଟରୁ ନିଯୁକ୍ତି ସମ୍ପର୍କିତ ୨ଟି ଚୁକ୍ତିନାମା, ଶିବାସମ୍ଭୁ ପାଇପିଂ ଟ୍ରେନିଂ ତାଲିମ କେନ୍ଦ୍ରର ବିଜ୍ଞାପନ, ଭିସା, ଫ୍ଲାଇଟ ଟିକଟ, ୧୧ଟି ପାସପୋର୍ଟ, ୨ଟି ନିଯୁକ୍ତିପତ୍ର, ୧୨ ଜଣ ଯୁବକଙ୍କ ବାୟୋଡାଟା, ୭ ଜଣଙ୍କ ମେଡିକାଲ ଫଇଟନେସ ସାର୍ଟିଫିକେଟ, ପାଇପ ଫିଟର ବହି, ମୋବାଇଲ ଫୋନ ଜବତ କରିଛି । ଏ ନେଇ ସଦର ଥାନାରେ କେସ ନଂ ୪୩୮/୨୫ରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ସୋନମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥା ଥାନା ଅଧିକାରୀ ରାମ ସୁବ୍ରମନ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି । ସୂଚନାପ୍ରକାରେ, ବେଲଗାଁ ଧୋବଡି ଗ୍ରାମର ବି. ଗୋଦାବରୀ ପାତ୍ର ବେକାର ଥିବାରୁ ଚାକିରି ସନ୍ଧାନରେ ରହିଥିଲେ । ଏଭଳି ସ୍ଥିତିରେ ଅଭିଯୁକ୍ତ ସୋନମ ବ୍ରହ୍ମପୁର ନିକଟ ଲାଠି ଠାରେ ଶିବାସମ୍ଭୁ ପାଇପିଂ ଟ୍ରେନି ସେଣ୍ଟର ଖୋଲଇଥିବା ସେ ଜାଣିବାକୁ ପାଇଥିଲେ । ଅଭିଯୁକ୍ତ ସୋନମ ତାଙ୍କୁ ୨ ମାସର ପାଇପିଂ ତାଲିମ ଦେବାରେ ଦୁବାଇରେ ଥିବା କ୍ରେସ୍ କମ୍ପାନୀରେ ଫ୍ଲମ୍ବର ଭାବେ ନିଯୁକ୍ତି ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାଲିମ ସହ ଫ୍ଲାଇଟ ଟିକଟ, ଭିସା ବାବଦକୁ ସେ ଗୋଦାବରୀଙ୍କ ଠାରୁ ୧ ଲକ୍ଷ ୧୦ ହଜାର ଟଙ୍କା ନେଇଥିଲେ । ଲାଠି ସ୍ଥିତ ସୋନମଙ୍କ ନକଲି ତାଲିମ କେନ୍ଦରେ ୨ ମାସ ତାଲିମ ନେବା ପରେ ଗୋଦାବରୀ ଦୁବାଇ ଯାଇଥିଲେ । ହେଲେ ସେଠାରେ କ୍ରେସ୍ ନାମକ କମ୍ପାନୀ ନଥିବା ସେ ଜାଣିବାକୁ ପାଇଥିଲେ । ଅନ୍ୟ ଉପାୟ ନପାଇ ଗୋଦାବୀ ଦୁବାଇର ଜଣେ ଠିକାଦାରଙ୍କ ଅଧିନରେ ଅନ୍ୟ ଏକ କମ୍ପାନୀରେ କାମ କରିଥିଲେ । ହେଲେ ସେହି କମ୍ପାନୀ ପକ୍ଷରୁ ତାଙ୍କୁ ନିମ୍ନମାନର ଖାଦ୍ୟ ଓ ରହିବା ବ୍ୟବସ୍ଥା କରାଯିବା ସହ ଆବଶ୍ୟକ ମୁତାବକ ପାରିଶ୍ରମିକ ମଧ ମିଳିନଥିଲା । ଫଳରେ ସେ ଅଗଷ୍ଟ ମାସରେ ଲୁଚି କରି ଦୁବାଇରୁ ନିଜ ଗ୍ରାମକୁ ଚାଲି ଆସିଥିଲେ । ଅଭିଯୁକ୍ତ ସୋନମଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ସଦର ଥାନାକୁ ଯାଇ ଅଭିଯୋଗ କରିଥିଲେ ।

# ପୋଲିସର ଅଚାନକ ଚଢାଉ, ଦେଢ ଲକ୍ଷ ଟଙ୍କାର ବାଣ ଜବତ

ବୁଗୁଡା,୨୮।୯:(ମନ୍ଥନ)ବୁଗୁଡ଼ା ଏନଏସି ଅନ୍ତର୍ଗତ ଅରବିନ୍ଦ ନଗର-୪ର୍ଥ ଲାଇନର ଏକ ଘରେ ଗତ ଗୁରୁବାର ରାତିରେ ପୋଲିସ ଅଚାନକ ଚଢାଉ କରି ବେଆଇନ ଭାବେ ଗଚ୍ଛିତ ଥିବା ବିପୁଳ ପରିମାଣର ବାଣ ଜବତ କରିଥିବା ଜଣାଯାଇଛି । ଏହି ସବୁ ଜବତ ବାଣ ବିନା ଲାଇସେନ୍ସରେ ବେପାର କରୁଥିବା ବେପାରୀ ଭଗବାନ ସାହୁଙ୍କର ହୋଇଥିବା ବେଳେ ଏହାର ପରିମାଣ ଦେଢ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଏ ନେଇ ଥାନାରେ କେସ୍ ନଂ ୫୯୯/୨୫ରେ ଏକ ମାମଲା ରୁଜୁ ହୋଇଛି । ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ଉକ୍ତ ଚଢାଉ କାର୍ଯ୍ୟ ହୋଇଥିବା ବେଳେ ଏଥିରେ ଏସ୍ଆଇ ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ, ଏଏସ୍ଆଇ ସୁମନ୍ତ ବେହେରାଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ । ତେବେ ପୋଲିସର ଏହି ଚଢାଉ ପରେ ବିନା ଲାଇସେନ୍ସରେ ବାଣ ଗଚ୍ଛିତ ରଖିଥିବା ଆଉ କେତେକ ବାଣ ବେପାରୀଙ୍କ ଛାତିରେ ଛନକା ପଶିଥିବା ଜଣାଯାଉଛି ।

# ଜଙ୍ଗଲି ହାତୀ ଘଉଡାଇ ବାରେ ଜଙ୍ଗଲ ବିଭାଗ ବିଫଳ

କଳାହାଣ୍ଡି ,୨୮।୯:(ମନ୍ଥନ)କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ର ଦକ୍ଷିଣ ବନଖଣ୍ଡ ବିଶ୍ୱନାଥ ପୁର ରେଞ୍ଜ ବିଜେପୁର ସେକ୍ସନ ଲାଖବାହାଲି ପଞ୍ଚାୟତ ସରଗୁଡା ଗାଁରେ ଜଙ୍ଗଲୀ ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ନିକଟସ୍ଥ ଝିମିରି ଜଙ୍ଗଲରେ ୨୨ ଟିକିଆ । ହାତୀପଲ ରହିଥିବା ବେଳେ ଗତ ବିଳମ୍ବିତ ରାତିରେ ସରଗୁଡା ଗାଁରେ ପଶି ରାମଲାଲ ହରିଜନ ଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇ ରାସନ ସାମଗ୍ରୀ ସମେତ ଆସବାପାତ୍ର ନଷ୍ଟ କରିଦେଇଛନ୍ତି । ସୂଚନା ମତେ ରାମଲାଲ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟ ଯାଇଥିବା ବେଳେ ସ୍ତ୍ରୀ ସସ୍ମିତା ଦୁଇ ବର୍ଷର ପୁଅ ସହିତ ଘରେ ରହିଥିଲେ ହେଲେ ଗତ ବିଳମ୍ବିତ ରାତିରେ ୨୨ଟିକିଆ । ହାତୀ ପଲ ଘର ନିକଟରେ ଆସି ଭୀଷଣ ଗର୍ଜନ ଦେଇଥିଲେ । ଗର୍ଜନ ଶୁଣି ପ୍ରାଣ ବିକଳରେ ସସ୍ମିତା ପୁଅକୁ ଧରି ପଡିସା ଘରକୁ ଯିବାରେ ସଫଳ ହୋଇଥିଲେ ହେଲେ ସକାଳୁ ଘରକୁ ଆସି ଦେଖିବା ବେଳକୁ ଧାନ,ଚାଉଳ ସମେତ ଆସବାପତ୍ର ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲେ । ସଂଗୃହିତ ସବୁ ରାସନ ସାମଗ୍ରୀ ଶହ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ହିତାଧିକାରୀ ଚିନ୍ତାରେ ଭାଙ୍ଗି ପଡିଛନ୍ତି । ବର୍ତ୍ତମାନ ଜିମିରି ଜଙ୍ଗଲଠାରେ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଘଟଣା ସ୍ଥଳରେ ବିଜେପୁର ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି । ଏନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ କରାଯାଇଛି ଯାହାବି ସରକାର ବ୍ୟବସ୍ଥା ରହିଛି ଏମାନଙ୍କୁ କ୍ଷତି ପୂରଣ ଯୋଗାଇ ଦିଆଯିବ ବୋଲି ମତ ପ୍ରକାଶ କରିଛନ୍ତି ।

# ଚୋରା ମଦ ଓ ବ୍ରାଉନସୁଗାର୍ ବ୍ୟବସାୟୀ ମାନଙ୍କ ପାଇଁ କାଳ ସାଜିଛି

ଜଗତସିଂହପୁର,୨୮।୯:(ମନ୍ଥନ)ଅବକାରୀ ବିଭାଗ: ୪୨ ଗ୍ରାମ୍ ହିରୋଇନ୍ ଓ ଚୋରା ଦେଶୀ ମଦ ସହିତ ଏମୋଟରସାଇକେଲ ଜବତଯଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷୀକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ତୀବ୍ର ଅଭିଯାନ ସଫଳ ହୋଇଛି । ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଟାଧାରୀ ମୁହାଣ ଥାନା ଅନ୍ତର୍ଗତ ଷଣ୍ଢକୁଦ ଅଞ୍ଚଳରେ ସ୍ଥିତ ଲାଇଟ୍ ହାଉସ୍ ନିକଟରୁ ୪୨ ଗ୍ରାମ୍ ହିରୋଇନ୍ ଜବତ କରିଛି ପାରାଦୀପ ଅବକାରୀ ରେଞ୍ଜ , ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୪୨୦୦୦୦ ଟଙ୍କା । ଏହି ଅଭିଯାନରେ ସୁରଞ୍ଜନ ମଣ୍ଡଳ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅନ୍ୟ ଘଟଣାରେ, ଏସ୍ଆଇ ଶ୍ରୀଧର ସିଂ, ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ତିର୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ଛକ ନାରାୟଣ ମନ୍ଦିର ନିକଟରୁ ୪.୮୦୦ ଲିଟର ଦେଶୀ ମଦ ସହିତ ଗୋଟିଏ ଦୁଇ-ଚକିଆ । ଯାନ ଜବତ କରିଛନ୍ତି, ଏବଂ ଘଟଣାସ୍ଥଳରୁ ନିରାକାର ନାଥ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛ । ଜିଲ୍ଲା ଅବକାରୀ ବିଭାଗ ନର୍କୋଟିକ୍ସ ଓ ଚୋରା ମଦ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚଲାଇବାକୁ ସଂକଳ୍ପବଦ୍ଧ ।

# ରାତି ଅଧରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୮।୯:(ମନ୍ଥନ)କେନ୍ଦ୍ରାପଡା ପୌରପରିଷଦ ଅଧିନ ୧୨ନମ୍ବର ୱାର୍ଡରେ ରାତିଅଧିଆ ଅତ୍ୟନ୍ତ ତରବରିଆ ଭାବେ ଏକ କମ୍ୟୁନିଟି ସେଣ୍ଟର(ଗୋଷ୍ଠିକେନ୍ଦ୍ର)କୁ କାହାକୁ ନଜଣାଇ ପୌରାଧକ୍ଷାଙ୍କ ସ୍ୱାମୀ ହାତଗଣତି କେତେ ଜଣ ସମର୍ଥକଙ୍କୁ ଧରି ଉଦଘାଟନ କରିଥିବା ଅଭିଯୋଗ ହୋଇଛି । ଏନେଇ ସେହି ୱାର୍ଡର କାଉନସିଲର ରିହାନା ଖାତୁନ ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଗତ ବୁଧବାର ରାତି ପ୍ରାୟ ସାଢେ ଦଶଟା ସମୟରେ ପୌରାଧକ୍ଷାଙ୍କ ସ୍ୱାମୀ ରଞ୍ଜିତ କୁମାର ସାହୁ କେତେକ ଦଳୀୟ ସମର୍ଥକଙ୍କୁ ସାଙ୍ଗରେ ଧରି ଅତ୍ୟନ୍ତ ତରବରିଆ ଭାବେ ୧୨ନମ୍ବର ୱାର୍ଡର ଏକ ଗୋଷ୍ଠିକେନ୍ଦ୍ରକୁ ଉଦଘାଟନ କରିଛନ୍ତି । ଏସମ୍ପର୍କରେ ସେହି ୱାର୍ଡର କାଉନସିଲର ରିହାନା ଖାତୁନଙ୍କୁ କୌଣସି ସୂଚନା ଦିଆଯାଇନଥିବା ବେଳେ ଉଦଘାଟନୀ ଉତ୍ସବରେ କେନ୍ଦ୍ରାପଡା ବିଧାୟକ କିମ୍ବା କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନଥିବା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି । ଏପରି ଘଟଣା କିପରି ଓ କାହା ନିର୍ଦ୍ଦେଶରେ କରାଯାଇଛି ବୋଲି ପ୍ରଶାସନକୁ କାଉନସିଲର ପ୍ରଶ୍ନ କରିଛନ୍ତି । ଏଭଳି ଘଟଣାକୁ ନେଇ ସେହି ୱାର୍ଡର ଅଧିବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ତର ସହକାରେ ଗ୍ରହଣ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କାଉନସିଲର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏହି ଅଭିଯୋଗର ନକଲ କେନ୍ଦ୍ରାପଡା ପୌରସଂସ୍ଥାର ପୌରନିର୍ବାହୀ ଅଧିକାରୀ, ରାଜ୍ୟ ନଗର ଉନ୍ନୟନ ବିଭାଗର ପୌରପ୍ରଶାସନ ନିର୍ଦ୍ଦେଶକ, ନଗର ଉନ୍ନୟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି ।

# ୧୩ ଜୁଆଡ଼ି ସମେତ ୫୬,୩୦୦ଟଙ୍କା, ୧୨ ମୋବଇଲ ଜବତ

କୁକୁଡ଼ାଖଣ୍ଡି,୨୮।୯:(ମନ୍ଥନ)ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ଗ୍ରାମରେ ଚାଲିଥିବା ଜୁଆ । ଆଡ୍ଡା ଉପରେ ନିମଖଣ୍ଡି ଥାନା ପୁଲିସ ଗୁରୁବାର ବିଳମ୍ବିତ ରାତିରେ ଚାଉ କରି ୧୩ ଜୁଆଡ଼ିଙ୍କୁ ଗିରଫ କରିବା ସହ ୫୬ହଜାର ୩ଶହ ଟଙ୍କା ସହ ୧୨ଟି ମୋବାଇଲ ଜବତ କରିଛି । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ନିମଖଣ୍ଡି ଅଂଚଳର ଏକ ଘରେ ଜୁଆ । ଖେଳ ଚାଲିଥିବା ସୂଚନା ପାଇଥିଲେ । ଥାନା ଅଧିକାରୀ କୃଷ୍ଣ ସାହାଙ୍କ ନିର୍ଦ୍ଦେଶରେ ଏସ୍ଆଇ ଅଭିଷେକ ପାଣ୍ଡବ, ଜ୍ଞାନ ରଞ୍ଜନ ବେହେରାଙ୍କ ସମେତ ପୁଲିସ ଟିମ୍ ଉକ୍ତ ଘର ଉପରେ ଚାଉ କରିଥିଲେ । ଚଢାଉ ବେଳେ ୧୩ଜଣ ଜୁଆଡ଼ିଙ୍କୁ ପୁଲିସ କାବୁ କରିବା ସହ ୫୬ହଜାର ୩ଶହ ଟଙ୍କା, ୧୨ଟି ମୋବାଇଲ ସମେତ ତାସ କାଟା ଜବତ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରି ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି ।

# ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ଶ୍ରେଷ୍ଠ ପ୍ରଦର୍ଶନ

କଳାହାଣ୍ଡି, ୨୮।୯:(ମନ୍ଥନ)ସୁନ୍ଦରଗଡ ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲା ର ଛାତ୍ରଛାତ୍ରୀ ଶ୍ରେଷ୍ଠ ପ୍ରଦର୍ଶନ କରି ୮ ଗୋଟି ସ୍ୱର୍ଣ୍ଣ, ୩ ଗୋଟି ରୌପ୍ୟ, ଗୋଟିଏ କାଂସ୍ୟ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏଥିରେ ଲାଞ୍ଜିଗଡ଼ ଉଚ୍ଚବିଦ୍ୟାଳୟ ର ତରୁଣ କୁମାର




ମାଝୀ, ତିନୋଟି ସ୍ୱର୍ଣ୍ଣ ପଦକ, ଲୀନ ମାଝୀ, ତିନୋଟି ସ୍ୱର୍ଣ୍ଣ ପଦକ, ରୋହିତ କୁମାର ମାଝୀ, ତିନୋଟି ରୌପ୍ୟ, ଗାୟତ୍ରୀ ମାଝୀ ଦୁଇଟି ସ୍ୱର୍ଣ୍ଣ,ଗୋଟିଏ କାଂସ୍ୟ ପଦକ ହାସଲ କରି କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଆଜି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ରେ ଜିଲ୍ଲାପାଳ ପାଣ୍ଡେର ସଚିନ ପ୍ରକାଶ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ସମ୍ବର୍ଦ୍ଧିତ କରି ପୁରସ୍କାର ସ୍ୱରୂପ ପ୍ରତି ସ୍ୱର୍ଣ୍ଣ ପଦକ କୁ ଏକ ହଜାର, ରୌପ୍ୟ ପଦକ କୁ ପାଞ୍ଚଶହ ଟଙ୍କା ପ୍ରଦାନ କରି ସମସ୍ତ ପଦକ ବିଜେତା ଙ୍କୁ ଉତ୍ସାହିତ କରିବା ସହିତ ସମସ୍ତ ଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚୂଡ଼ାମଣି ରାଉତ,ଜିଲ୍ଲା ଶିକ୍ଷା ବିଭାଗ ର ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ ।

# ସରକାର ଙ୍କ ଅନୁମତି ନଥିଲେ ପୂଜା କମିଟି ଉପରେ ହେବ କାର୍ଯ୍ୟାନୁଷ୍ଠାନ

ତିର୍ତୋଲ,୨୮।୯:(ମନ୍ଥନ)ଜଗତସିଂହପୁର ଜିଲ୍ଲା ରେ ବହୁ ସ୍ଥାନ ରେ ପାଳିତ ହେଉଛି ଦୁର୍ଗତି ନାସିନୀ ମା ଦୁର୍ଗାଙ୍କ ପୂଜା । ଏହାକୁ ନେଇ ବଜାର ସର ଗରମ ରହିଥିବା ବେଳେ । ଜିଲ୍ଲା ଉପ ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ନିର୍ଦ୍ଦେଶ କୁ ଆଧାର କରି ପ୍ରତି ଥାନାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛି ଜିଲ୍ଲା ପୋଲିସ । ସେହିପରି ପ୍ରତି ପୂଜା ଅନୁଷ୍ଠାନ କୁବିଭାଗୀୟ ମାଜିଷ୍ଟ୍ରେଟ ସ୍ୱାକ୍ଷର ରେ ସରକାରୀ ଅନୁମତି ନିହାତି ଆବଶ୍ୟକ ବୋଲି ଜଣା ପଡିଛି । ଆଜି ସନ୍ଧ୍ୟାସୁଧା ଦୁର୍ଗା ପୂଜା ଓ ଭସାଣି ପାଇଁ ଅପରାହ୍ନ ୩ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଅନୁମତି ମିଳିଥିବା ବେଳେ ଯେଉଁମାନେ ଏହି ନିର୍ଦ୍ଦେଶ କୁ ଖିଲାପ କରିଛନ୍ତି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତିର୍ତୋଲ ପୋଲିସ ସୂତ୍ରରୁ ପ୍ରକାଶ । ସେହିପରି ଜିଲ୍ଲା ଉପ ବିଭାଗୀୟ ମାଜିଷ୍ଟ୍ରେଟ ଜିଲ୍ଲା ଏସ୍ପି ଙ୍କ ସମେତ ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି ଏଥିପ୍ରତି ପୁରା ନଜର ରଖିବା ପାଇଁ । ସରକାର ଙ୍କ ଅନୁମତି ନଥିଲେ ପୂଜା କମିଟି ଉପରେ ପୋଲିସ ର କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣା ପଡ଼ିଛି । ସେହିପରି ନିଶାଗ୍ରସ୍ତ ଅସାମାଜିକ ଯୁବକ ଙ୍କ ଉପରେ ପୋଲିସ କଡା ନଜର ରଖିବା ସହ ,ପ୍ରତି ସରକାର ଙ୍କ ଅନୁମତି ଥିବା ପୂଜା ମଣ୍ଡପ ପାଖରେ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୋଲିସ ମୃତୟନ କରିବାକୁ ତିର୍ତୋଲ ପୋଲିସ ନିଷ୍ପତ୍ତି ନେଇଥିବା ଜଣା ପଡ଼ିଛି ।

# ମା ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ନିମନ୍ତେ ପ୍ରାକ୍ ପ୍ରସ୍ତୁତି

ଭବାନୀପାଟଣା,୨୮।୯:(ମନ୍ଥନ) କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତର ଯାତ୍ରା ଚଳିତ ମାସ ସେପ୍ଟେମ୍ବର ୩୦ ତାରିଖରେ ଭବାନୀ ପାଟଣା ଠାରେ ମହାସମାରୋହରେ ଅନୁଷ୍ଠିତ ହେବ । ଜେନା ଖାଲ ରେ ମାଙ୍କ ଛତର ଯାତ୍ରା ର ବିଧି ଅନୁସାରେ ପୂଜ୍ୟ ପୂଜା ସାରି ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ଙ୍କୁ ଦର୍ଶନ ଦେବା ନିମନ୍ତେ ଭକ୍ତଙ୍କ ଭିତରେ ମା ଙ୍କ ଛତ୍ର ମନ୍ଦିର ରେ ପ୍ରବେଶ କରିବ । ଛତର ଉତ୍ସବ କୁ ମହାସମାରୋହରେ ଶାନ୍ତି, ଶୃଙ୍ଖଳା ସହିତ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ର ପ୍ରସ୍ତୁତି ଜାରିରହିଛି । ଆଜି କଳାହାଣ୍ଡି ଜିଲ୍ଲାପାଳ ପାଣ୍ଡେର ସଚିନ ପ୍ରକାଶ ଅପରାହ୍ନ ରେ ଜେନାଖାଲ ପରିଦର୍ଶନରେ ଆସି ଆବଶ୍ୟକ ପ୍ରସ୍ତୁତି ଅନୁଧ୍ୟାନ କରି ଜେନା ଖାଲ ରୁ ମା ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଛତର ଯାତ୍ରା ପରିକ୍ରମା ପଥ ବୁଲି ଦେଖିଥିଲେ ଏବଂ ପବିତ୍ର ଛତ୍ର ଯାତ୍ରା



ମହାସମାରୋହରେ ଶାନ୍ତି ଶୃଙ୍ଖଳାର ସହିତ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ପ୍ରକ୍ଷକ ପ୍ରସ୍ତୁତି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ(ପ୍ରବେଶନ) ଅନିମେସ ପ୍ରଧାନ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ମିଶ୍ର, ଉପ ଆରକ୍ଷୀ ଅଧିକ୍ଷକ ନରେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା,ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରମୋଦ କୁମାର ପାଢ଼ୀ, ଶିଶୁ ସୁରକ୍ଷା ଅନୁଷ୍ଠାନ ର ଅଂଶୁମାନ ବାବୁ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଅଶୋକ କୁମାର ନେଗୀ, ଉତ୍ସବ ସାହୁ, ସୁବ୍ରତ ବହିଦାର,ଭବାନୀ ଶଙ୍କର ନିଆଲ ପ୍ରମୁଖ ଯୋଗଦେଇ ଥିଲେ ।

# ଏନସିସି କ୍ୟାଡେଟ ଚୟନ

ଫୁଲନଖରା,୨୮।୯:(ମନ୍ଥନ) ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ରେ ଚଳିତବର୍ଷ ପାଇଁ ନୂତନ ଏନସିସି କ୍ୟାଡେଟ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଶିବିରରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭ ଜଣଙ୍କୁ ମନୋନୀତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ୧ ଓଡିଶା ବାଟାଲିୟନ, କଟକ ର ଅଧିକାରୀ ଓମ ବାହାଦୁର ଓ ରାମ ସିଂ ଯୋଗଦେଇ ୧୧ ଜଣ ଛାତ୍ର ଓ ୬ ଜଣ ଛାତ୍ରୀ ଙ୍କୁ ଚୟନ କରିଥିଲେ । କଲେଜ ଅଧକ୍ଷ ଶକୁନ୍ତଳା ସାମଲ ମନୋନୀତ କ୍ୟାଡେଟ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ପ୍ରଜ୍ଞା ବେହେରା କାର୍ଯକ୍ରମ ପରିଚାଳନା କରିଥିଲେ ।

# ପିପିଲି ମେଡିକାଲରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ପିପିଲି,୨୮।୯:(ମନ୍ଥନ)ସରକାରଙ୍କ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଏକ କାର୍ଯ୍ୟକ୍ରମ ପିପିଲି ହସ୍ପିଟାଲ ପରିସରରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିଟାମିନ, ଆଇରନ ଆଦି ଖାଦ୍ୟସାର ଅଭାବରୁ ମା'ଟି ରକ୍ତ ହୀନତାର ଶୀକାର ହୁଏ ଓ ବେଳେ ବେଳେ ସେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରେ । ବିଶେଷତଃ ଗର୍ଭବତୀ ନାରୀମାନେ ରକ୍ତହୀନତା ଜନିତ ବିଭିନ୍ନ ରୋଗର ଶୀକାର ହୋଇଥାନ୍ତି । ମା' ଓ ମହିଳାମାନେ ସରକାରଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ମାଗଣା ଚିକିତ୍ସାକୁ ଆପଣାଇବା ସହ ପୃଷ୍ଟିକର ସୁଷମ ଖାଦ୍ୟ ଖାଇବା ଜରୁରୀ ବୋଲି ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପିପିଲି ହସ୍ପିଟାଲ ଇନଚର୍ଜ ଡାକ୍ତର ଜ୍ୟୋତିରଂଜନ ସାହୁ, ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଡାକ୍ତର ବିନୟ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ମା'ର ପୋଷଣଯୁକ୍ତ ଖାଦ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପିପିଲି ସାଂସ୍କୃତିକ ପରିଷଦର ସହ ସମ୍ପାଦକ ଦୀନବନ୍ଧୁ ବେଉରିଆ । ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ । ଡାକ୍ତର ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତିର ନୂତନ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା,୨୮।୯:(ମନ୍ଥନ)ଓଡ଼ିଶାର ଅଗ୍ରଣୀ ସଂଗଠନ ଭାଗବତ ଟୁଙ୍ଗି ପ୍ରଚାର ସମିତି ପକ୍ଷରୁ ଭୁବନେଶ୍ୱର ନଅ ନମ୍ବର ଲେନ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସମିତିର ସଭାପତି ବାବାଜି ସ୍ୱାଇଁ (ନଙ୍ଗୁଳି ବାବା)ଙ୍କ ଅଧକ୍ଷତାରେ ଏକ ରାଜ୍ୟ ସ୍ତରୀୟ ଭକ୍ତ ସମ୍ମିଳନୀ ଆହ୍ୱାନ କରଯାଇଥିଲା । ଏହି ସଭାରେ ଓଡିଶାର କୋଣ ଅନୁକୋଣରୁ ଭକ୍ତମାନେ ଯୋଗ ଦେଇଥିଲେ । ଉକ୍ତ ସଭାରେ ନିୟମ ଅନୁଯାୟୀ ପରିଚାଳନା କମିଟି ଚୟନ କରାଗଲା ତତ୍ ପରେ ଏକ ୯ ଦଫା ସମ୍ବଳିତ ଦାବିପତ୍ର ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଓ ସଚିବଙ୍କୁ ପ୍ରଦାନ କରାଯାଇଥିଲା । ଓଡ଼ିଶାରେ ଭାଗବତ ଟୁଙ୍ଗି ମାନଙ୍କର ପଡିରହିଥିବା ଅନୁଦାନ ରାଶି ତୁରନ୍ତ ଯୋଗାଇ ଦେବା, କଳାକାର ମାନଙ୍କ ବିଭିନ୍ନ ସମସ୍ୟା ସି. ଟି. ଏମ.ଏସ. ମାଧ୍ୟମରେ ପ୍ରୋଗ୍ରାମ କରିଥିବା ସାଂସ୍କୃତିକ ଦଳ ମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିବା ଓ ବ୍ଲକ କଳାସଂସ୍କୃତି ସଂଘ,ଜିଲ୍ଲା କଳାସଂସ୍କୃତି ସଂଘକୁ କାର୍ଯ୍ୟକ୍ଷମ କରାଇବା ଇତ୍ୟାଦି ବିଷୟ ଉପରେ ଦାବିପତ୍ର ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମିତିର




ନୂତନ କର୍ମକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ପୂଜ୍ୟ ନଙ୍ଗୁଳି ବାବା(ଜଗତସିଂହପୁର), ଉପ ସଭାପତି ସିଦ୍ଧେଶ୍ୱର ନାୟକ (କଟକ), ମନୋଜ ଦାସ (କେନ୍ଦୁଝର), ଘନଶ୍ୟାମ ପ୍ରଭୁ (କୋରାପୁଟ), ସୁବ୍ରତ ରାଉତ (କେନ୍ଦ୍ରାପଡ଼ା), ଶ୍ରୀକର ମିଶ୍ର (ବଲାଙ୍ଗୀର) ମୁଖ୍ୟ ଉପଦେଷ୍ଟା ଭାବେ ଶଶଧର ପଣ୍ଡା (ଭଦ୍ରକ), ସାଧାରଣ ସମ୍ପାଦକ – ଜ୍ଞାନରଞ୍ଜନ ରାଉତ(କେନ୍ଦ୍ରାପଡ଼ା), ସମ୍ପାଦକ ଭାବେ ସୁଧାଂଶୁ ଶେଖର ସାହୁ (ଜଗତସିଂହପୁର), କୋଷାଧକ୍ଷ ପ୍ରଶାନ୍ତ ଶେଖର ପଟ୍ଟନାୟକ(ଜଗତସିଂହପୁର), ସହକୋଷାଧକ୍ଷ ମେନନ ଦାସ(କେନ୍ଦ୍ରାପଡ଼ା), ଉପଦେଷ୍ଟା ଲିଙ୍ଗରାଜ ଚଇନି (ଭୁବନେଶ୍ୱର), ରାଜ୍ୟ ସଂଯୋଜକ ବସନ୍ତ କୁମାର ଦାସ(କେନ୍ଦ୍ରାପଡ଼ା), ଆଇନ ପରାମର୍ଶଦାତା ଅଶୋକ କୁମାର ସାମନ୍ତରାୟ (ଜଗତସିଂହପୁର)ଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶାର ପୂର୍ବତନ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସଙ୍କ ନାମରେ ପରିଚାଳିତ ହେଉଥିବା ଜମା ବହି ସଭାପତି ବାବାଜି ସ୍ୱାଇଁ ଓ ସମ୍ପାଦକ ସୁଧାଂଶୁ ଶେଖର ସାହୁଙ୍କ ନାମରେ ପରିଚାଳିତ ହେବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା ଓଡ଼ିଶାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସଧାରଣ ସଭ୍ୟ ପଦରେ ଚୟନ କରାଗଲା । ପରିଶେଷରେ ଘନଶ୍ୟାମ ପ୍ରଭୁ ସମସ୍ତ ଭକ୍ତ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରାମଦ ଜବତ୍,୨ମହିଳା ସମେତ ୯କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୨୮।୯:(ମନ୍ଥନ)ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, କେନ୍ଦ୍ରାପଡ଼ା ସଦର, ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, ନିକିରାଇ, ଡେରାବିଶ ଓ କୁଦାନଗରୀ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ପାଣିସାଉରିଆ ଗ୍ରାମର ସରୋଜିନୀ ମଲିକ(୩୨)ଙ୍କ ଠାରୁ ୧୪ ଲିଟର ବିଦେଶୀ ମଦ, ମାଟିଆ ଗ୍ରାମର ସଞ୍ଜୁଲତା ମଲିକ(୩୫)ଙ୍କ ଠାରୁ ୧୧ ଲିଟର ଦେଶୀ ମଦ, ଅଢ଼ାଜୋରି ଗ୍ରାମର ସଦାନନ୍ଦ ମଲିକ(୪୫)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ନାନକର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ(୫୨)ଙ୍କ ଠାରୁ ୧୮




ଲିଟର ବିଦେଶୀ ମଦ, ଚାଟରାଚକଡା ଗ୍ରାମର ଚିନ୍ମୟ ମହାନ୍ତି(୪୦)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ଆୟତପୁର ଗ୍ରାମର କାଳୁ ମଲିକ(୫୫)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ବାରୁଅ ଗ୍ରାମର ସଞ୍ଜୟ ପରିଡା(୪୪)ଙ୍କ ଠାରୁ ୨୨ ଲିଟର ଦେଶୀମଦ, କନ୍ଧାସାହି ଗ୍ରାମର ଅଜୟ କୁମାର ବେହେରା(୩୭)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଓ ତେରାଗାଁ ଗ୍ରାମର ଦେବାଶିଷ ସାହାଣୀ(୩୬)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକଲ ଜବତ କରାଯାଇ ୯ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୮୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

ସୃଜନ

ସୋମବାର ୨୯ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

MONDAY 29SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ପଣ୍ଡିତ ଦୀନଦୟାଲଙ୍କ ଜନ୍ମଦିନ ଉପଲକ୍ଷେ

ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଣେ ପ୍ରସିଦ୍ଧ ଭାରତୀୟ ରାଜନେତା ଏବଂ ଦାର୍ଶନିକ ଥିଲେ ଯିଏ ଦେଶର ଆଦର୍ଶଗତ ପରିଦୃଶ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଅଖଣ୍ଡ ମାନବବାଦର ଧାରଣା ବିଭିନ୍ନ ପଦକ୍ଷେପକୁ ପ୍ରେରଣା ଏବଂ ପ୍ରଭାବିତ କରିଆସୁଛି। ତାଙ୍କ ଜୀବନ ଏବଂ ଦର୍ଶନର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି - ଜୀବନ ଏବଂ କ୍ୟାରିଅର -ପ୍ରାଚୀନ ଜୀବନ : ସେପ୍ଟେମ୍ବର ୨୫, ୧୯୧୬ରେ ଉତର ପ୍ରଦେଶର ମଥୁରାର ନାଗଲା ଚନ୍ଦ୍ରବନରେ ଭଗବତୀ ପ୍ରସାଦ ଏବଂ ରାମପ୍ୟାରୀ ଉପାଧ୍ୟାୟଙ୍କ ଔରସରେ ଜନ୍ମଗ୍ରହଣ କରିଥିଲେ। ସେ କମ୍ ବୟସରେ ତାଙ୍କ ପିତାମାତାଙ୍କୁ ହରାଇଥିଲେ ଏବଂ ତାଙ୍କ ମାମୁଁଙ୍କ ଦ୍ୱାରା ପାଳିତ ହୋଇଥିଲେ। ଶିକ୍ଷା - କାନପୁରର ସନାତନ ଧର୍ମ କଲେଜରୁ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ ଏବଂ ଆଗ୍ରାର ସେଂଟ ଜନ୍ସ କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ। ଆରଏସଏସ ଏବଂ ରାଜନୀତି: ୧୯୩୭ ମସିହାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ରେ ଯୋଗ ଦେଇଥିଲେ ଏବଂ ଜୀବନବ୍ୟାପୀ ପ୍ରଚାରକ ହୋଇଥିଲେ। ସେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲେ। ଅଖଣ୍ଡ ମାନବବାଦ - ଦର୍ଶନ-ଉପାଧ୍ୟାୟଙ୍କ ଅଖଣ୍ଡ ମାନବବାଦ ମାନବ କଲ୍ୟାଣ, କ୍ଷମତା ବିକେନ୍ଦ୍ରୀକରଣ ଏବଂ ସାମଗ୍ରିକ ବିକାଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ। ଏହା ଭାରତର ଅନନ୍ୟ ସାଂସ୍କୃତିକ ଏବଂ ଦାର୍ଶନିକ ଐତିହ୍ୟକୁ ଧ୍ୟାନରେ ରଖି ପୁଞ୍ଜିବାଦ ଏବଂ ମାର୍କ୍ସବାଦ ଉଭୟଙ୍କୁ ପ୍ରତ୍ୟାଖ୍ୟାନ କରେ। ମୁଖ୍ୟ ନୀତି-ଏକାତ୍ମ ମାନବଦର୍ଶନ: ବ୍ୟକ୍ତି ଏବଂ ସମାଜର ଏକତାକୁ ଗୁରୁତ୍ୱାରୋପ କରେ, ଯେଉଁଠାରେ ଜଣେ ମଣିଷର ସାମଗ୍ରିକ ସୁଖ ଏବଂ କଲ୍ୟାଣ ସର୍ବୋପରି। ବିକେନ୍ଦ୍ରୀକରଣ - ତୃଣମୂଳ ବିକାଶ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଶକ୍ତିର ବିକେନ୍ଦ୍ରୀକରଣ ପାଇଁ ସମର୍ଥକ। ସମଗ୍ର ବିକାଶ : କେବଳ ଶାରୀରିକ ଆବଶ୍ୟକତା ଅପେକ୍ଷା ମନ, ଶରୀର ଏବଂ ଆତ୍ମାର ବିକାଶ ଉପରେ ଧ୍ୟାନ ଦିଏ। ଐତିହ୍ୟ-ଭାରତୀୟ ରାଜନୀତି ଉପରେ ପ୍ରଭାବ : ଉପାଧ୍ୟାୟଙ୍କ ଚିନ୍ତାଧାରା ଭାରତୀୟ ଜନତା ପାର୍ଟି(ବିଜେପି) ବିଚାରଧାରା ଏବଂ ନୀତିଗୁଡିକୁ ଆକାର ଦେଇଚାଲିଛି। ସ୍ମାରକୀ : ବାରଣସୀରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ସ୍ମାରକୀ କେନ୍ଦ୍ର ସମେତ ବିଭିନ୍ନ ଅନୁଷ୍ଠାନ, ରାସ୍ତା ଏବଂ ସେତୁ ତାଙ୍କ ନାମରେ ନାମିତ ହୋଇଛି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ହିନ୍ଦୀ ବିଦ୍ୟାପୀଠ : ହିନ୍ଦୀ ଭାଷା ଏବଂ ସାହିତ୍ୟର ପ୍ରଚାର ପାଇଁ ଉତ୍ସର୍ଗୀକୃତ ଏକ ଅନୁଷ୍ଠାନ, ଯାହା ମଥୁରାର ବୃନ୍ଦାବନରେ ଅବସ୍ଥିତ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ, ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଣେ ପ୍ରସିଦ୍ଧ ଭାରତୀୟ ରାଜନେତା ଏବଂ ଦାର୍ଶନିକ ଥିଲେ ଯିଏ ଦେଶର ଆଦର୍ଶଗତ ଦୃଶ୍ୟପଟ୍ଟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଚିନ୍ତାଧାରା ଏବଂ ନୀତିଗୁଡିକ ଉପାନ୍ତ ସମ୍ପ୍ରଦାୟର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପକୁ ପ୍ରେରଣା ଏବଂ ପ୍ରଭାବିତ କରିଆସୁଛନ୍ତି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ଅନୁପ୍ରାଣୀତ ଯୋଜନାଗୁଡିକ ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଅନେକ ସରକାରୀ ଯୋଜନା ତାଙ୍କ ନାମରେ ନାମିତ ହୋଇଛି। କିଛି ଉଲ୍ଲେଖନୀୟ ଯୋଜନା ମଧ୍ୟରେ ଅଛି ପଣ୍ଡିତ ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା (ଡଇଣ-ଘଟଖଗ)। ଏହି ଯୋଜନା ଦକ୍ଷତା ବିକାଶ ତାଲିମ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରି ସହରାଂଚଳ ଗରିବ ସମ୍ପ୍ରଦାୟର ଉନ୍ନତି ଉପରେ ଧ୍ୟାନ ଦିଏ। ଗୃହ ଏବଂ ସହରାଂଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ, ଏହା ସ୍ଥାୟୀ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା : (ଡଇଣ-ଘଟଖଗ) ର ଏହି ଗ୍ରାମୀଣ ଉପାଦାନ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଏ, ଯାହା ଗ୍ରାମୀଣ ଯୁବକ ଯୁବତୀଙ୍କ ପାଇଁ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ଉପରେ ଧ୍ୟାନ ଦେଇଥାଏ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ସ୍ୱୟଂ ଯୋଜନା : ଏହି ଯୋଜନା ଅନୁସୂଚିତ ଜାତି ଏବଂ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରେ, ସେମାନଙ୍କୁ ଉଚ୍ଚଶିକ୍ଷା ହାସଲ କରିବାକୁ ସକ୍ଷମ କରେ। ମହାରାଷ୍ଟ୍ର ସରକାର ଦ୍ୱାରା କାର୍ଯ୍ୟକାରୀ ଏହା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ବୃତି ପ୍ରଦାନ କରେ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ସ୍ୱାବଲମ୍ବନ ଯୋଜନା:ଅରୁଣାଚଳ ପ୍ରଦେଶ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଷ୍ଟାର୍ଟଅପ୍ ଋଣ ଯୋଜନା ବେକାର ଯୁବକ ଯୁବତୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପରେ, ଉଦ୍ୟୋଗୀତା ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରେ। ଉଦ୍ଦେଶ୍ୟ ଏବଂ ପ୍ରଭାବ ଏହି ଯୋଜନାଗୁଡିକର ଲକ୍ଷ୍ୟ। ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବୃତିଗତ ତାଲିମ ପ୍ରଦାନ କରି ଦାରିଦ୍ର୍ୟ ସ୍ତର ହ୍ରାସ କରିବା। ଦକ୍ଷତା ବିକାଶ, ନିଯୁକ୍ତି ଏବଂ ଉଦ୍ୟୋଗୀତା ପାଇଁ ଆବଶ୍ୟକୀୟ ଦକ୍ଷତା ସହିତ ବ୍ୟକ୍ତିମାନଙ୍କୁ ସଜ୍ଜିତ କରିବା। ମହିଳା ସଶକ୍ତିକରଣ : ସାମାଜିକ-ଆର୍ଥିକ କାର୍ଯ୍ୟକଳାପରେ ମହିଳାମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ଉଦ୍ୟୋଗୀତାକୁ ଉତ୍ସାହିତ କରିବା। ଶିକ୍ଷା : ଉପେକ୍ଷିତ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଉଚ୍ଚଶିକ୍ଷା ହାସଲ କରିବାକୁ ସକ୍ଷମ କରିବା। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଐତିହ୍ୟ ଉପେକ୍ଷିତ ସମ୍ପ୍ରଦାୟର ଉନ୍ନତି ପାଇଁ ଲକ୍ଷ୍ୟ ରଖିଥିବା ପଦକ୍ଷେପଗୁଡିକୁ ପ୍ରେରଣା ଦେଇ ଚାଲିଛି। ଏହି ଯୋଜନାଗୁଡିକ ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଏକ ଅଧିକ ସମାନ ସମାଜ ପାଇଁ କାର୍ଯ୍ୟ କରୁଛି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ପ୍ରଭାବ ତାଙ୍କ ନାମରେ ଥିବା ବିଭିନ୍ନ ସରକାରୀ ଯୋଜନା ଏବଂ ପଦକ୍ଷେପ ମାଧ୍ୟମରେ ସ୍ପଷ୍ଟ, ଯାହା ଦାରିଦ୍ର୍ୟ ଦୂରୀକରଣ, ଦକ୍ଷତା ବିକାଶ ଏବଂ ସ୍ଥାୟୀ ଜୀବିକା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏଠାରେ କିଛ ପ୍ରମୁଖ ଦିଗ ଅଛି : ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପ - ପଣ୍ଡିତ ଦୀନ ଦୟାଲ ଅନ୍ତୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡଇଣ-ଘଜଖଗ) : ଗରିବ ପରିବାରଗୁଡିକୁ ଲାଭଦାୟକ ଆତ୍ମନିଯୁକ୍ତି ଏବଂ କୁଶଳୀ ମଜୁରୀ ନିଯୁକ୍ତି ସୁଯୋଗ ପାଇବାକୁ ସକ୍ଷମ କରି ଦାରିଦ୍ର୍ୟ ହ୍ରାସ କରିବା ଲକ୍ଷ୍ୟ, ଯାହାଫଳରେ ସ୍ଥାୟୀ ଏବଂ ବିବିଧ ଜୀବିକା ବିକଳ୍ପ ସୃଷ୍ଟି ହୁଏ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡଊଟ-ଏକଣ) ଗ୍ରାମୀଣ ଯୁବକମାନଙ୍କୁ ଦକ୍ଷତା ପ୍ରଦାନ କରିବା ଏବଂ ସେମାନଙ୍କୁ ନିୟମିତ ମାସିକ ମଜୁରୀ କିମ୍ବା ସର୍ବନିମ୍ନ ମଜୁରୀ ଠାରୁ ଅଧିକ ଦକ୍ଷତା ବିକାଶ ଏବଂ ନିଯୁକ୍ତି-କୌଶଳ ତାଲିମ, ଗ୍ରାମୀଣ ଯୁବକଯୁବତୀମାନଙ୍କୁ ବିଭିନ୍ନ ବାଣିଜ୍ୟରେ ତାଲିମ ପ୍ରଦାନ କରେ, ସେମାନଙ୍କର ନିଯୁକ୍ତି କ୍ଷମତା ବୃଦ୍ଧି କରେ ଏବଂ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରେ। ନିଯୁକ୍ତି ସହାୟତା : ନିଯୁକ୍ତି-ସଂଲଗ୍ନ କୌଶଳ ପ୍ରକଳ୍ପ ପାଇଁ ସହାୟତା ପ୍ରଦାନ କରେ, ବଜାର ଚାହିଦାକୁ ପୂରଣ କରେ, ପ୍ରତି ବ୍ୟକ୍ତି ପାଇଁ ୨୫,୬୯୬ ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସହାୟତା ପ୍ରଦାନ କରେ। ମହିଳା ସଶକ୍ତିକରଣ - ସ୍ୱୟଂ ସହାୟତା ଗୋଷ୍ଠୀ (ଝଐଏଗ୍ସ) : ଡଇଣ-ଘଜଖଗ ଝଐଏଗ୍ସ। କୁ ପ୍ରୋତ୍ସାହିତ କରେ, ଗ୍ରାମୀଣ ଗରିବ ମହିଳାମାନଙ୍କୁ ସଂଗଠିତ କରେ ଏବଂ ସେମାନଙ୍କୁ ଆର୍ଥିକ ସେବା, ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରେ। ମହିଳା ଉଦ୍ୟୋଗ: ଷ୍ଟାର୍ଟଅପ୍ ଗ୍ରାମ ଉଦ୍ୟୋଗ କାର୍ଯ୍ୟକ୍ରମ (ଝଠରଚ) ଏବଂ ମାଇକ୍ରୋ-ଏଂଟରପ୍ରାଇଜ୍ ଡେଭଲପମେଂଟ (ଗରଢ଼)ଭଳି ପଦକ୍ଷେପ ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କୁ ସମର୍ଥନ କରେ। ପ୍ରଭାବ ମୂଲ୍ୟାଙ୍କନ -ବର୍ଦ୍ଧିତ ଆୟ : (ଡଇଣ-ଘଜଖଗ) ହିତାଧିକାରୀ ପରିବାର ପାଇଁ ଆୟରେ ୧୯% ବୃଦ୍ଧି ଆଣିଛି। ଅନୁଷ୍ଠାନିକ ଋଣ ହ୍ରାସ : ହିତାଧିକାରୀ ପରିବାର ମଧ୍ୟରେ ଅନୁଷ୍ଠାନିକ ଋଣର ଅଂଶ ୨୦% ହ୍ରାସ ପାଇଛି। ଉନ୍ନତ ସଂଚୟ: ହିତାଧିକାରୀ ପରିବାରର ସଂଚୟ ପରିମାଣ ୨୮% ବୃଦ୍ଧି ପାଇଛି।

# 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ,

**ଅଲେଖ ଚନ୍ଦ୍ର ସାମଲ**

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି। ଭାରତ ବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଶକ୍ତି ପୂଜା ତା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଥାଏ। ଋଗବେଦରେ ବର୍ଣ୍ଣିତ - 'ତାମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁ ଦୁଷ୍ଟାମ୍, ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରସି ତରସେ ନମଃ' । ଅର୍ଥାତ୍ 'ମୁଁ ଅଗ୍ନିବର୍ଣ୍ଣା ତପୋଜ୍ୱଳା ଦୁର୍ଗାଦେବୀଙ୍କର ଶରଣ ପଶୁଛି, ଯେ କି ପରମ ଶକ୍ତିସମ୍ପନ୍ନ, ଯେ ନିଜକୁ ବହୁବିଧ ରୂପରେ ପ୍ରକଟ କରନ୍ତି, ଯେ କି କର୍ମ ଓ ଫଳରେ ନିହିତ ଶକ୍ତି ଅଟନ୍ତି। ହେ ରକ୍ଷାରେ ନିପୁଣା ଦେବୀ, ଆମକୁ ଅଧିକ କୁଶଳତାର ସହ କଷ୍ଟ ମଧ୍ୟରେ ପାର କରାଅ। ଆମେ ତୁମକୁ ପ୍ରଣାମ କରୁଛୁ।'

ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ଓଁକାର ଶବ୍ଦ ସହ ପୃଥିବୀ ସୃଷ୍ଟି ହେବା ସମୟରୁ ଶକ୍ତି ଉତ୍ପନ୍ନ ହୋଇଅଛି। ଏହି ଶକ୍ତି ସମଗ୍ର ଜଗତରେ ଜୀବ, ମାନବ, ବୃକ୍ଷଲତାରେ ପୁରି ରହିଛି। ନବରାତ୍ରି ଉପାସନା ଆମକୁ ସେହି ଶକ୍ତି ପ୍ରଦାନ କରେ। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ନବରାତ୍ରି ପାଳନ କରାଯାଏ। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରନ୍ତି। ତାହା ହେଲା 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍, ପଞ୍ଚମଂ ସ୍କନ୍ଦମାତେ ତି, ଷଷ୍ଠ କାତ୍ୟାୟନୀତି ଚ, ସପ୍ତମଂ କାଳରାତ୍ରିତି ମହାଗୌରୀ ଚାଷ୍ଟକମ୍, ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତିତାଃ, ଅକ୍ତାନ୍ୟେତାନି ନାମାନି ବ୍ରାହ୍ମଣୈବ ମହାତ୍ମନୀ।' ମହାଶକ୍ତିକୁ ନବରାତ୍ରିରେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ମଧ୍ୟ ପୂଜା କରନ୍ତି। ମହାକାଳୀ ତମଗୁଣର ପ୍ରତୀକ। ମା'କାଳୀ ଆମର ତମ ଗୁଣ ଯଥା - କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦୂର କରି ଆମକୁ ଦିବ୍ୟଗୁଣ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ଆରାଧନା କରୁ ପ୍ରାର୍ଥନା କରୁ। ମା'ଆମର ଅଜ୍ଞାନ ନାଶ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତୁ, ମହାଲକ୍ଷ୍ମୀ ରଜଗୁଣର ପ୍ରତୀକ। ଏହା ସାହାସ, ତ୍ୟାଗ, ଶାସନ ଓ କର୍ମ ତତ୍ପରତା ଆଦି ଗୁଣାବଳୀର ପ୍ରତୀକ। ମା'ଲକ୍ଷ୍ମୀଙ୍କୁ କ'ଣ ଦେଇ ପୂଜା କରିବା। ଆମର ଦେହ, ମନ, ବୁଦ୍ଧି ସବୁତ ତାର ସେ ଆମକୁ ଆବଶ୍ୟକ ଖାଦ୍ୟପେୟ ଓ ଯଶ ପ୍ରଦାନ କରନ୍ତୁ। ମହାସରସ୍ୱତୀ ସତ୍ତ୍ୱଗୁଣର ପ୍ରତୀକ। ଏଥିରେ ସହିଷ୍ଣୁତା, ଦୟା, ପ୍ରେମ ଆଦି ଗୁଣ ରହିଛି। ମା'ସରସ୍ୱତୀ ହଂସବାହିନୀ, ହଂସ ଯେପରି କ୍ଷୀର ଓ ପାଣିରୁ କେବଳ କ୍ଷୀର ପିଇଦିଏ ଆମେ ସେହିପରି ଭଲ ଓ ମନ୍ଦ ମଧ୍ୟରୁ ଭଲଟିକୁ ବାଛିନେବା।

ଦୁର୍ଗାପୂଜା କେତେକ ସ୍ଥାନରେ ଷୋଳଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନବ୍ୟାପୀ ପାଳିତ ହୁଏ। ସେ ସବୁକ ଗୋଟି ଗୋଟି କରି ଆଲୋଚନା କଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା, ପ୍ରକୃତିର ପୂଜା। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ଦେବୀ ପାଞ୍ଚ ଚେତନାରେ ଜଡ଼ିତ। ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା। ପ୍ରଥମରେ ଶୈଶବ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ। ଷଷ୍ଠୀ ତିଥି ନନ୍ଦା, ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା। ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ, ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ, ସେ ତରୁଣୀ। ରିକ୍ତାରେ ସେ ଯୋଗିନୀ ଓ ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ। ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କୁ ପୂଜା କରୁ। ଏହି ସମୟରେ ମା'ଦୁର୍ଗା ମହିଷାସୁରକୁ ବଦ୍ଧ କରି ଦେବତା ତଥା ମନୁଷ୍ୟମାନଙ୍କୁ ତାର ଅତ୍ୟାଚାରରୁ ରକ୍ଷା କରିଥିଲେ। ତେଣୁ ଆମେ ମା'ଦୁର୍ଗାଙ୍କୁ ଅସୁରଶକ୍ତିର ବିନାଶ କରି ପୃଥିବୀକୁ ଶାନ୍ତି ତଥା ଆନନ୍ଦ ପ୍ରଦାନ କରିବା ପାଇଁ ଏହି ବିଜୟର ପର୍ବ ପାଳନ କରୁ। ଆଉ ମଧ ଶ୍ରୀରାମଚନ୍ଦ୍ର ମା'ଦୁର୍ଗାଙ୍କୁ ପୂଜା କରି ଏହି ସମୟରେ ଲଙ୍କାର ରାଜା ରାବଣକୁ ବିନାଶ କରି ମା'ସୀତାଙ୍କୁ ଉଦ୍ଧାର କରିଥିଲେ। ସେହିଦିନ ଠାରୁ ଏହି ନବରାତ୍ରି ପର୍ବ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟର ପ୍ରତୀକ ସ୍ୱରୂପ ପାଳନ କରାଯାଏ। ପ୍ରତିବର୍ଷ ଆମେ ମା'ଦୁର୍ଗାଙ୍କୁ ପୂଜା କରୁଛୁ ଓ ରାବଣ ପୋଡ଼ି କରୁଛୁ। କିନ୍ତୁ ଆମ ସମାଜରୁ ଓ ଆମ ଭିତରେ ଥିବା ଆସୁରୀ ଶକ୍ତି ଦୂର ହେଉନାହିଁ। ଅନ୍ତରରେ ଗୋଟିଏ ଜ୍ଞାନ ଦୀପ ଜଳିଲେ ମନ ଭିତରୁ ଅଜ୍ଞାନ ରୂପକ ଅନ୍ଧକାର ଦୂର ହେବ। ସହସ୍ର ଇଲେକ୍ଟ୍ରିକ୍ ବଲବ ବା ବତୀ ଏ ଅନ୍ଧାର ଦୂର କରିପାରିବେ ନାହିଁ। ଆମେ ମା'ର ଶକ୍ତିରେ ନିଜକୁ ଆଲୋକିତ କରିବା। ସେ ପଦପଦବୀ ଛୋଟବଡ଼ ଦେଖନ୍ତି ନାହିଁ। ବର୍ଷକରେ ଥରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ତାଙ୍କର ସମସ୍ତ ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ। ତେଣୁ ଚାଲନ୍ତୁ ଆମେ ମା'ଦୁର୍ଗାଙ୍କୁ ପୂଜା କରିବା। ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଓ ଆମ ଭିତରେ ଥିବା ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ। 'ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟକୁମାରି ଧୀମହି, ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍'। ଆମେ ଆଦିଶକ୍ତି କାତ୍ୟାୟନୀଙ୍କର ଉପଲବ୍ଧି କରିବା। ଆମେ କନ୍ୟାକୁମାରୀଙ୍କର ଧ୍ୟାନ କରିବା, ଦୁର୍ଗା ଆମକୁ ଜ୍ଞାନାଲୋକ ପ୍ରଦାନ କରନ୍ତୁ। ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

ପୂର୍ବତନ ଡିଏଫ୍ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

E-mail : alekha007samal@gmail.com

# ଦଶ ମହାବିଦ୍ୟା

**ବିପିନ ବିହାରୀ ମହାନ୍ତି**

ଦଶ ମହାବିଦ୍ୟାଙ୍କ ଉତ୍ପତ୍ତି :

ଦେବୀ ଶକ୍ତିଙ୍କ ୧୦ଟି ସ୍ୱରୂପ ୧୦ ମହାବିଦ୍ୟାଙ୍କ ଉତ୍ପତି ସମ୍ପର୍କରେ ଏକ ପୌରାଣିକ ଆଖ୍ୟାନ ପ୍ରଚଳିତ। ଦେବୀ ସତୀ ଭଗବାନ ଶିବଙ୍କୁ ବରଣ କରିବା ପରେ ତାଙ୍କ ପିତା ପ୍ରଜାପତି ଦକ୍ଷ ରୁଷ୍ଟ ହୋଇଥିଲେ। ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ସେଥିରେ ସବୁ ଦେବଦେବୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମାତ୍ର ଜାଣିଶୁଣି ଦକ୍ଷ ନିଜ ଜାମାତା ଶିବ ଏବଂ କନ୍ୟା ସତୀଙ୍କୁ ନିମନ୍ତ୍ରଣ କରିନଥିଲେ। ପିତାଙ୍କ ଠାରୁ ନିମନ୍ତ୍ରଣ ପାଇନଥିଲେ ମଧ୍ୟ ଦେବୀ ସତୀ ଯଜ୍ଞସ୍ଥଳକୁ ଯିବା ଲାଗି ଇଚ୍ଛା ପ୍ରକଟ କଲେ। ମାତ୍ର ଅପମାନିତ ହେବାର ଆଶଙ୍କାରେ ଶିବ ତାଙ୍କୁ ଏଥିପାଇଁ ବାରଣ କରିଥିଲେ।

ତେବେ ଦେବୀ ସତୀ ଅତ୍ୟଧିକ ଆଗ୍ରହ ପ୍ରକାଶ କରିବାରୁ ଶିବ ବିରକ୍ତ ହୋଇ ତାଙ୍କୁ ଅନୁମତି ଦେଇଥିଲେ। ଶିବଙ୍କ ଏହି ବିରକ୍ତ ଭାବ ସତୀଙ୍କ ହୃଦୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ସେ କ୍ରୋଧିତ ହୋଇ ଦଶ ମହାବିଦ୍ୟାର ପ୍ରଥମ ସ୍ୱରୂପ କାଳୀ ରୂପ ଧାରଣ କରିଥିଲେ। ମହାକାଳୀଙ୍କ ଭୟଙ୍କର ସ୍ୱରୂପକୁ ଦେଖି ଭଗବାନ ଶଙ୍କର ଭୟଭୀତ ହୋଇ ପଳାୟନ କରିଥିଲେ। ମାତ୍ର ସେ ଯେଉଁ ସ୍ଥାନକୁ ଯାଉଥିଲେ ସେଠାରେ ଜଣେ ଜଣେ ମହାବିଦ୍ୟା ପ୍ରକଟ ହେଉଥିଲେ। ଏହିପରି ଶିବ ଦଶ ଦିଗକୁ ପଳାୟନ କରିବାକୁ ଉଦ୍ୟମ କରିବାରୁ ଦଶଜଣ ମହାବିଦ୍ୟା ପ୍ରକଟ ହୋଇଥିଲେ। ପ୍ରଥମେ କାଳୀ ଓ ପରେ ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା ରୂପରେ ପ୍ରକଟ ହୋଇ ଦେବୀ ଶକ୍ତି ଶିବଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ। ଶେଷରେ ଦେବୀ କମଳା ରୂପ ଧାରଣ କରିଥିବାରୁ ଶିବଙ୍କ ଭୟ ଲୋପ ପାଇଥିଲା। ପରବର୍ତ୍ତୀ ସମୟରେ ଦେବୀ ଏହି ଅବତାରରେ ପୁନଃ ପ୍ରକଟ ହୋଇ ଦୁଷ୍ଟମାନଙ୍କର ସଂହାର କରିଥିଲେ।

ଦଶ ମହାବିଦ୍ୟାଙ୍କ ପ୍ରଥମ ସ୍ୱରୂପ : ଦେବୀ କାଳୀ

ଦେବୀ ଶକ୍ତିଙ୍କ ଦଶ ଦିବ୍ୟ ସ୍ୱରୂପ ଦଶ ମହାବିଦ୍ୟାଙ୍କ ମଧ୍ୟରୁ ପ୍ରଥମେ ପ୍ରକଟ ହୋଇଥିଲେ ଦେବୀ କଳୀ। ଦେବୀ କାଳୀଙ୍କୁ ମା'ଶକ୍ତିଙ୍କ ମୂଳ ସ୍ୱରୂପ ଅଟନ୍ତି। ଦେବୀ କାଳୀଙ୍କ ସ୍ୱରୂପ ଭୟଙ୍କର ହୋଇଥିଲେ ମଧ୍ୟ ସେ ସଂସାର ପାଇଁ କଲ୍ୟାଣକାରୀ। ସେ ଦୁଷ୍ଟମାନଙ୍କର ସଂହାର କରି ସଂସାରରେ ସଜ୍ଜନମାନଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି। ଦେବୀ 'କାଳୀ'ଙ୍କ ନାମ 'କାଳ' ଅର୍ଥାତ ସଂସହାରର ଦେବତା ଭଗବାନ ଶିବଙ୍କ ନାମାନୁସାରେ ହୋଇଛି। କାଳୀଙ୍କୁ କାଳୀକା ପୁରାଣରେ ଆଦି ଶକ୍ତି ଏବଂ ପରାଶକ୍ତି ଭାବେ ବର୍ଣ୍ଣନା କରାଯାଇଛି। ଦେବୀ ଶକ୍ତି ଅସୁର ରକ୍ତବୀର୍ଯ୍ୟର ସଂହାର ପାଇଁ କାଳୀରୂପ ଧାରଣ କରିଥିଲେ। ତାଙ୍କ କ୍ରୋଧ ଶାନ୍ତ ନହେବାରୁ ମହାଦେବଙ୍କୁ ତାଙ୍କ ପାଦ ତଳେ ଶୋଇବାକୁ ପଡ଼ିଥିଲା। କାଳୀ ମହାଦେବଙ୍କ ଉପରେ ପାଦ ରଖିଦେବାରୁ ତାଙ୍କ ଜିଭ ପଦାକୁ ବାହାରି ଆସିଥିଲା। ଦେବୀଙ୍କ ଏହି ରୂପକୁ ସର୍ବତ୍ର ପୂଜା କରାଯାଏ। ଏହି ପ୍ରକଟରେ ଆଦ୍ୟାଶକ୍ତି ମହାକାଳୀ ଏବଂ ଭଗବାନ ରୁଦ୍ର ମହାକାଳ ଅଟନ୍ତି ।

ଦଶ ମହାବିଦ୍ୟାଙ୍କ ଦ୍ୱିତୀୟ ସ୍ୱରୂପ : ଦେବୀ ତାରା

ଦେବୀ ତାରା ହେଉଛନ୍ତି ଦେବୀ ଶକ୍ତିଙ୍କ ଦଶ ମହାବିଦ୍ୟାଙ୍କ ସ୍ୱରୂପଙ୍କ ମଧ୍ୟରୁ ଦ୍ୱିତୀୟ। ଦେବୀ ତାରାଙ୍କ ସ୍ୱରୂପ ଦେବୀ କାଳୀଙ୍କ ଭଳି। ତାଙ୍କ ମୂର୍ତ୍ତି ଭଗବାନ ଶିବଙ୍କ ଉପରେ ଛିଡ଼ା ହୋଇଥିବା ଅବସ୍ଥାରେ ପୂଜା କରାଯାଏ। ଦେବୀ କାଳୀ ବର୍ଣ୍ଣ କଳା ହୋଇଥିବା ବେଳେ ଦେବୀ ତାରାଙ୍କ ବର୍ଣ୍ଣ କୃଷ୍ଣକଳା। ଶକ୍ତି ଉପାସନାରେ ଦେବୀ ତାରାଙ୍କ ସ୍ଥାନ ମହତ୍ତ୍ୱପୂର୍ଣ୍ଣ। ଦେବୀ ମହାଭାଗବତରେ ଥିବା ବର୍ଣ୍ଣନା ଅନୁଯାୟୀ ଦେବୀ ତାରାଙ୍କ ଠାରୁ ହିଁ ସଂସାରରେ ଜନ୍ମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସମୁଦ୍ର ମନ୍ଥନ ସମୟରେ ଭଗବାନ ଶିବ ହଳାହଳ ବିଷ ପାନ କରି ସମଗ୍ର ସଂସାରରୁ ବିଷ ଜ୍ୱାଳାରୁ ରକ୍ଷା କରିଥିଲେ। ତେବେ ବିଷ ପ୍ରଭାବରୁ ସେ ଅଚେତ ହୋଇପଡିଥିଲେ। ଏହାପରେ ଦେବୀ ତାରା ମହାଦେବଙ୍କୁ ଏକ ଶିଶୁ ରୂପରେ ପରିଣତ କରାଇବା ସହ ତାଙ୍କୁ ସ୍ତନ୍ୟପାନ କରାଇଥିଲେ। ଏହାଫଳରେ ବିଷ ଜ୍ୱାଳା ପ୍ରଭାବରୁ ଭଗବାନ ଶିବ ମୁକ୍ତ ହୋଇପାରିଥିଲେ। ଶିବଙ୍କ ଦ୍ୱିତୀୟ ଗୁପ୍ତାବତାରହେଉଛି 'ତାର'। ଏଣୁ ଭୈରବୀ ହିସାବରେ ଦେବୀଙ୍କ ନାମ ହୋଇଛି ତାରା।

ଦଶ ମହାବିଦ୍ୟାଙ୍କ ତୃତୀୟ ସ୍ୱରୂପ : ଦେବୀ ତ୍ରିପୁରସୁନ୍ଦରୀ

ଆଦିଶକ୍ତିଙ୍କ ଦଶ ମହାବିଦ୍ୟା ସ୍ୱରୂପଙ୍କ ମଧ୍ୟରୁ ତୃତୀୟ ସ୍ୱରୂପ ହେଉଛନ୍ତି ଦେବୀ ତ୍ରିପୁରସୁନ୍ଦରୀ। ତାଙ୍କୁ ରାଜରାଜେଶ୍ୱରୀ, ଲଳୀତା, ଷୋଡଶୀ ରୂପରେ ମଧ୍ୟ ପୂଜା କରାଯାଇଥାଏ। ଏହି ଦେବୀଙ୍କ ସ୍ୱରୂପ ଅତ୍ୟନ୍ତ ଦିବ୍ୟ। ତନ୍ତ୍ର ଶାସ୍ତ୍ରରେ ଦେବୀଙ୍କୁ ଶ୍ରୀବିଦ୍ୟା ନାମରେ ପୂଜା ଯାଇଥାଏ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ତିନିପୁରରେ ଦେବୀଙ୍କ ଦିବ୍ୟ ସ୍ୱରୂପ ସହ କେହି ତୁଳନୀୟ ନୁହନ୍ତି। ସ୍ଥୁଳ, ସୂକ୍ଷ୍ମ ଏବଂ ପାରା ରୂପରେ ସେ ସର୍ବତ୍ର ବିଦ୍ୟମାନ। ଶକ୍ତି ଉପାସନାରେ ତ୍ରିପୁର ସୁନ୍ଦରୀଙ୍କର ବିଶେଷ ମହତ୍ତ୍ୱ ରହିଛି। ସେ ସିଂହାସନରେ ବିରାଜମାନ ଥାଆନ୍ତି। ତାଙ୍କର ଚାରି ଭୂଜାରେ ଆଖୁ, ପୁଷ୍ପଗୁଚ୍ଛ, ଫାଶ ଏବଂ ଅଙ୍କୁଶ ଶୋଭା ପାଇଥାଏ। ଲଳିତା ସହସ୍ରନାମ ଆଦି ଶଙ୍କରାଚାର୍ଯ୍ୟଙ୍କ ସୌନ୍ଦର୍ଯ୍ୟ ଲହରୀ, ଲଳିତା ଉପାଖ୍ୟାନ, ତ୍ରିପୁରସୁନ୍ଦରୀ ଅଷ୍ଟକମ୍‌ରେ ଦେବୀଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ବିଦ୍ୟାରେ ରୁଦ୍ର ହେଉଛନ୍ତି ଶ୍ରୀବିଦ୍ୟେଷୀ (ତ୍ରିପୁରସୁନ୍ଦର) ଏବଂ ଭୈରବୀ ହେଲେ ତ୍ରିପୁର ସୁନ୍ଦରୀ ଶ୍ରୀ ବିଦ୍ୟେଶ୍ୱରୀ।

ଦଶ ମହାବିଦ୍ୟାଙ୍କ ଚତୁର୍ଥ ସ୍ୱରୂପ: ଦେବୀ ଭୁବନେଶ୍ୱରୀ

ଦଶ ମହାବିଦ୍ୟାଙ୍କ ଚତୁର୍ଥ ସ୍ୱରୂପ ହେଉଛନ୍ତି ଦେବୀ ଭୁବନେଶ୍ୱରୀ। ରୁଦ୍ରଙ୍କର ଭିନ୍ନ ଏକ ଅବତାର ଭୁବନେଶ୍ୱର । ଏଣୁ ଦେବୀ ହେଲେ ଭୁବନେଶ୍ୱରୀ । ସମଗ୍ର ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ ମଧ୍ୟ (ଭୁବନ+ଈଶ୍ୱରୀ) ହୋଇଛି। ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି। ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ। ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି। ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ। ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ। ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି। ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡୁର ପୁଡୁକୋଟ୍ଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି। ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ।

ଦଶ ମହାବିଦ୍ୟାଙ୍କ ପଂଚମ ସ୍ୱରୂପ : ଦେବୀ ଭୈରବୀ

ଦେବୀ ଶକ୍ତିଙ୍କ ଦଶ ମହାବିଦ୍ୟା ସ୍ୱରୂପଙ୍କ ମଧ୍ୟରୁ ପଞ୍ଚମ ସ୍ୱରୂପ ହେଉଛନ୍ତି ଦେବୀ ଭୈରବୀ। ସେ ହେଉଛନ୍ତି ଭଗବାନ ଭୈରବଙ୍କ ସହଚରୀ। ସେ ଅଗ୍ନିଶମ ତେଜିୟାନ। ଦୁଷ୍ଟଙ୍କ ସଂହାର ପାଇଁ ସେ ଭୟଙ୍କର ରୂପ ଧାରଣ କରିଛନ୍ତି। ସାଧୁଙ୍କ ପାଇଁ ସେ କରୁଣାମୟୀ ଦେବୀ। ସେ ହେଉଛନ୍ତି ସମଗ୍ର ସଂସାର ପାଇଁ ଅଗ୍ନି, ବିଦ୍ୟୁତ୍ ଏବଂ ସୂର୍ଯ୍ୟ ଶକ୍ତିର ଦେବୀ। ତାଙ୍କୁ ଶୁଭଙ୍କରୀ ନାମରେ ମଧ୍ୟ ଉପାସନା କରାଯାଏ। ଦେବୀଙ୍କର ତ୍ରିନେତ୍ରୀ ରହିଛି। ଦୁର୍ଗା ସପ୍ତଶତିରେ ତାଙ୍କୁ ଚଣ୍ଡୀ ରୂପରେ ବର୍ଣ୍ଣନା କରାଯାଇଛି। ଭୟଙ୍କର ସ୍ୱରୂପରେ ଥିବା ସମୟରେ ସେ ଗଧ ଉପରେ ବସିଥାନ୍ତି। ତାଙ୍କ ହାତରେ ତ୍ରୀଶୁଳ, ପର୍ଶୁ ଏବଂ ବଜ୍ର ଶୋଭାପାଏ। ତେବେ ଦେବୀଙ୍କର ଅଭୟ ମୁଦ୍ରା ରହିଛି। ଏହି ସ୍ୱରୂପରେ ସେ ନିଜ ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥାନ୍ତି। ଦକ୍ଷିଣ ଭାରତରେ ବିଶେଷ ଭାବେ ଦେବୀ ଭୈରବୀଙ୍କ ପୂଜା କରାଯାଏ। କୋଲକାତାରେ କାଳୀପୂଜା ସମୟରେ ଏବଂ ନେପାଳର ବାଗମତି ନଦୀକୂଳରେ ଥିବା ଶକ୍ତିପୀଠରେ ଦେବୀ ଭୈରବୀଙ୍କ ଉପାସନା କରାଯାଇଥାଏ।

ଦଶ ମହାବିଦ୍ୟାଙ୍କ ଷଷ୍ଠ ସ୍ୱରୂପ : ଦେବୀ ଛିନ୍ନମସ୍ତା

ଆଦିଶକ୍ତିଙ୍କ ଦଶ ମହାବିଦ୍ୟା ସ୍ୱରୂପ ମଧ୍ୟରୁ ଛିନ୍ନମସ୍ତାଙ୍କ ସ୍ଥାନ ଷଷ୍ଠ। ତାଙ୍କର ମସ୍ତକ ଗଣ୍ଡିଠାରୁ ଅଲଗା ଥାଏ। ଏହି ମସ୍ତକ ଦେବୀଙ୍କ ଗୋଟିଏ ହାତରେ ଶୋଭା ପାଉଥିବା ବେଳେ ଅନ୍ୟ ହାତରେ ଖଡ଼୍ଗ ଥାଏ। ଦେବୀଙ୍କ କଟିଯାଇଥିବା ବେକରୁ ରକ୍ତର ଦ୍ରୁତ ଧାରା ବୋହିଥାଏ। ଗୋଟିଏ ଧାରାକୁ ଦେବୀ ନିଜେ ପାନ କରୁଥବା ବେଳେ ଅନ୍ୟ ଧାରା ବର୍ଣ୍ଣୀ ଏବଂ ଶାକିନୀ ନାମକ ଦୁଇଜଣ ସଖୀଙ୍କୁ ଦେବୀ ପ୍ରଦାନ କରିଥାନ୍ତି। ଦେବୀ ଛିନ୍ନମସ୍ତାଙ୍କୁ ଆତ୍ମବଳିଦାନର ଦେବୀ ରୂପରେ ପୂଜା କରାଯାଇଥାଏ। ସେ ନିଜର କୁଣ୍ଡଳିନୀଙ୍କୁ ଜାଗ୍ରତ କରି ସିଦ୍ଧି ପ୍ରାପ୍ତ କରିଛନ୍ତି। ତନ୍ତ୍ରସାଧନାରେ ଦେବୀ ଛିନ୍ନମସ୍ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରାପ୍ତ ହୋଇଛି। ଗୁହ୍ୟାତିଗୁହ ତନ୍ତ୍ରରେ ଦେବୀ ଶକ୍ତିଙ୍କ ଦଶ ମହାବିଦ୍ୟା ସ୍ୱରୂପଙ୍କର ଭଗବାନ ବିଷ୍ଣୁଙ୍କ ଦଶ ଅବତାର ସହ ସମ୍ବନ୍ଧ ଥିବା କୁହାଯାଇଛି। ଦଶମହାବିଦ୍ୟାଙ୍କ କାରଣରୁ ଭଗବାନ ବିଷ୍ଣୁଙ୍କ ଦଶ ଅବତାରର ସୃଷ୍ଟି ସମ୍ଭବ ହୋଇପାରିଥିଲା। ପ୍ରତ୍ୟେକ ମହାବିଦ୍ୟାଙ୍କ ସହ ଭଗବାନ ବିଷ୍ଣୁଙ୍କ ଗୋଟିଏ ଅବତାରର ସମ୍ବନ୍ଧ ରହିଛି। ଏହି ଦୃଷ୍ଟିରୁ ଦେଖିଲେ ଦେବୀ ଛିନ୍ନମସ୍ତାଙ୍କର ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାର ସହ ସମ୍ପର୍କ ରହିଛି। ଦେବୀଙ୍କୁ ଛିନ୍ନମସ୍ତିକା ଏବଂ ପ୍ରଚଣ୍ଡଚଣ୍ଡୀକା ନାମରେ ମଧ୍ୟ ଉପାସନା କରାଯାଇଥାଏ। ଏଠାରେ ରୁଦ୍ର ହେଉଛନ୍ତି ଛିନ୍ନ ମସ୍ତକ ।

ଦଶ ମହାବିଦ୍ୟାଙ୍କ ସପ୍ତମ ସ୍ୱରୂପ : ମହାବିଦ୍ୟାଙ୍କ ସପ୍ତମ ସ୍ୱରୂପ ଧୂମାବତୀ

ଦେବୀ ଧୂମବତୀଙ୍କ ସ୍ଥାନ ଦଶ ମହାବିଦ୍ୟାଙ୍କ ମଧ୍ୟରେ ସପ୍ତମ । ତାଙ୍କ ସ୍ୱରୂପ ଧୂଆଁ ବା ଧୂମ ସମାନ ପ୍ରତିୟମାନ। ସେ ସର୍ବଦା ଏକ ଘୋଡା ବିହୀନ ରଥ କିମ୍ବା କାଉ ଉପରେ ବିରାଜମାନ କରିଥାନ୍ତି। କୁହାଯାଏ ଯେ ଦେବୀ ସତୀ ଯେତେବେଳେ ନିଜ ପିତା ପ୍ରଜାପତି ଦକ୍ଷଙ୍କ ଯଜ୍ଞ କୁଣ୍ଡରେ ଝାସ ଦେଇ ପ୍ରାଣତ୍ୟାଗ କଲେ ସେ ସମୟରେ ଯଜ୍ଞ କୁଣ୍ଡରୁ ନିର୍ଗତ ଧୂଆଁରୁ ଦେବୀ ଧୂମାବତୀଙ୍କ ରୂପ ପ୍ରକଟ ହୋଇଥିଲା। ଥରେ ଭଗବାନ ଧୂମାବତୀଙ୍କୁ ଭୋକ ଲଗାଇଲା। ସେ ଭଗବାନ ଶିବଙ୍କୁ ଖାଦ୍ୟ ମାଗିଲେ। ମାତ୍ର ଶିବ ତାଙ୍କ କ୍ଷୁଧା ମେଣ୍ଟାଇବାରେ ସକ୍ଷମ ନହେବାରୁ ସେ ଶିବଙ୍କୁ ଗିଳି ଦେଇଥିଲେ। ଏଥିପାଇଁ ଭଗବାନ ଶିବ ଦେବୀଙ୍କୁ ବିଧବା ନାରୀ ଭଳି ରୂପ ଧାରଣ କରିବା ଲାଗି ଅଭିଶାପ ଦେଇଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି। ଦେବୀ ଧୂମାବତୀଙ୍କ ଯୋଗୁ ଭଗବାନ ବିଷ୍ଣୁଙ୍କ ମତ୍ସ୍ୟ ଅବତାର ସୃଷ୍ଟି ହୋଇଥିଲା ବୋଲି ଗୁହ୍ୟାତିଗୁହ ତନ୍ତ୍ରରେ ଉଲ୍ଲେଖ ରହିଛି। ସେହିପରି ମୁଣ୍ଡମାଳ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ଦେବୀ ଧୂମାବତୀଙ୍କ ଯୋଗୁ ଭଗବାନ ବିଷ୍ଣୁଙ୍କ ବାମନ ଅବତାର ସୃଷ୍ଟି ହୋଇଥିଲା। ଦେବୀଙ୍କ ସ୍ୱରୂପ ଏକ ବିଧବା ସ୍ତ୍ରୀ ଲୋକ ଭଳି ଦେଖାଯାଇଥାଏ। ତାଙ୍କ ସ୍ୱରୂପ ଦେଖି ଅଜ୍ଞାନୀ ବ୍ୟକ୍ତି ଦେବୀଙ୍କୁ ଅଶୁଭତାର ପ୍ରତୀକ ବୋଲି କହିଥାନ୍ତି। ମାତ୍ର ଦେବୀ ମହାପ୍ରଳୟ ସମୟରେ ଉପସ୍ଥିତ ଥାଆନ୍ତି। ତାଙ୍କ ରଙ୍ଗ ମହାପ୍ରଳୟର ବାଦଲ ଭଳି। ବ୍ରହ୍ମାଣ୍ଡର ଆୟୁ ଶେଷ ହୋଇଗଲେ, କାଳ ଶେଷ ହୋଇଗଲେ ଏବଂ ସ୍ୱୟଂ ମହାକାଳ ଅନ୍ତର୍ଦ୍ଧାନ ହୋଇଗଲେ, ମାତା ଧୂମାବତୀ ଅନ୍ତରୀକ୍ଷରେ ବିଦ୍ୟମାନ ଥାଆନ୍ତି। ସେ ପରକାଳର ଶକ୍ତି ସାଧ କରିଥାନ୍ତି। ସେ ସମୟରେ ନା ପୃଥିବୀ, ନା ଚନ୍ଦ୍ର ନା ସୂର୍ଯ୍ୟ, ନା ତାରାଗଣଙ୍କ ଅସ୍ତିତ୍ୱ ଥାଏ, ଚାରିଆଡ଼େ କେବଳ ଧୂଆଁ ଏବଂ ପାଉଁଶ ବ୍ୟାପି ଯାଇଥାଏ। ସେହି ସମୟରେ କେବଳ ମାତା ଧୂମାବତୀ ପୁନଃ ଆରମ୍ଭ ନିମନ୍ତେ ଉପସ୍ଥିତ ଥାଆନ୍ତି। ରୁଦ୍ରଙ୍କର ସପ୍ତମ ଅବତାର ନାମଥିଲା ଧୂମବର୍ଣ୍ଣ । ଏଣୁ ଦେବୀ ଧୂମାବତୀ ନାମେ ପରିଚିତା ।

ଦଶ ମହାବିଦ୍ୟାଙ୍କ ଅଷ୍ଟମ ସ୍ୱରୂପ : ବଗଳାମୁଖୀ

ମାତା ବଗଳାମୁଖୀ ମହାବିଦ୍ୟାଙ୍କ ମଧ୍ୟରୁ ଅଷ୍ଟମ ମହାବିଦ୍ୟା। ତାଙ୍କୁ ମାତା ପୀତାମ୍ବରୀ ମଧ କୁହାଯାଇଥାଏ। ମାତା ହେଉଛନ୍ତି ସ୍ତମ୍ଭନର ଦେବୀ। ସମଗ୍ର ବ୍ରହ୍ମାଣ୍ଡର ଶକ୍ତି ଦେବୀ ବଗଳାମୁଖୀଙ୍କ ସହ ତୁଳନୀୟ ନୁହନ୍ତି। ଶତ୍ରୁନାଶ, ବାକ୍‌ସିଦ୍ଧି, ବାଦବିବାଦରେ ବିଜୟ ହାସଲ ପାଇଁ ଦେବୀଙ୍କ ଉପାସନା କରାଯାଇଥାଏ। ଦେବୀ ବଗଳାମୁଖୀଙ୍କ ଉପାସନା ଦ୍ୱାରା ଶତ୍ରୁନାଶ ହୁଏ ଏବଂ ଜୀବନରୁ ସମସ୍ତ ସଂକଟ ଦୂର ହୁଏ। ମା' ଭଗବତୀ ବଗଳାମୁଖୀ ସମସ୍ତ ଦେବୀଙ୍କ ମଧ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି। ଦେବୀଙ୍କ ସମଗ୍ର ବିଶ୍ୱରେ ମାତ୍ର ତିନୋଟି ପୀଠ ରହିଛି। ଯାହାକୁ ସିଦ୍ଧପୀଠ କୁହାଯାଏ। ମଧ୍ୟପ୍ରଦେଶର ଦାତିଆ, ହିମାଚଳର କାଙ୍ଗଡ଼ା, ମଧ୍ୟପ୍ରଦେଶର ନଲକେଢ଼ାରେ ଦେବୀ ବଗଳାମୁଖୀଙ୍କ ମନ୍ଦିର ରହିଛି। ବଗଳାମୁଖୀ ଦେବୀଙ୍କ ବର୍ଣ୍ଣ ହେଉଛି ସୁବର୍ଣ୍ଣ। ସେ ହଳଦୀ ରଙ୍ଗର ବସ୍ତ୍ରଧାରଣ କରିଛନ୍ତି। ସାଗର ମଧ୍ୟରେ ଥିବା ଏକ ପଦ୍ମ ସିଂହାସନରେ ଦେବୀ ବିରାଜମାନ କରିଥାନ୍ତି। ଦେବୀଙ୍କ ଦ୍ୱିଭୂଜ ଏବଂ ଚତୁର୍ଭୂଜ ରୂପ ମଧ୍ୟ ରହିଛି। ଦିଭୂଜ ରୂପରେ ତାଙ୍କର ଗୋଟିଏ ହାତରେ ଶସ୍ତ୍ର ଥାଏ ଏବଂ ଅନ୍ୟ ହାତରେ ଅସୁରର ଜିହ୍ୱାକୁ ସେ ଟାଣି ଧରିଥାନ୍ତି। ଏହି ବିଦ୍ୟାରେ ରୁଦ୍ର ହେଉଛନ୍ତି ବଗଳାମୁଖ ।

ଦଶ ମହାବିଦ୍ୟାଙ୍କ ନବମ ସ୍ୱରୂପ : ମାତଙ୍ଗୀ

ଭଗବାନ ଶିବ ହେଉଛନ୍ତି ମାତଙ୍ଗ। ତାଙ୍କ ଶକ୍ତି ହେଲେ ମାତଙ୍ଗୀ। ଏହି ଦେବୀ ଶ୍ୟାମଳ ବର୍ଣ୍ଣା ଏବଂ ସେ ନିଜ ମସ୍ତକରେ ଚନ୍ଦ୍ରମା ଧାରଣ କରିଅଛନ୍ତି। ଦେବୀ ମାତଙ୍ଗୀ ପୂର୍ଣ୍ଣ୍ୟତୟା ଏବଂ ବାଗ୍‌ଦେବୀ। ଏହାଙ୍କ ବାହୁରେ ଚାରିବେଦ ଶୋଭା ପାଇଥାଏ। ସେହିପରି ଦେବୀଙ୍କ ହସ୍ତରେ ଖଡ୍‌ଗ, ବୀଣା ଏବଂ ଶୁଆ ମଧ୍ୟ ରହିଥାଏ। ମା' ମାତଙ୍ଗୀଙ୍କୁ ବେଦଜ୍ଞମାନେ ସରସ୍ୱତୀ ରୂପରେ ମଧ୍ୟ ପୂଜା କରିଥାନ୍ତି। ଦେବୀ ମାତଙ୍ଗୀଙ୍କୁ ପଳାସ, ମଲ୍ଲିକା ପୁଷ୍ପ ଏବଂ ବେଲପତ୍ର ଦ୍ୱାରା ଉପାସନା କରିବା ଦ୍ୱାରା ମନୁଷ୍ୟର ଅଧ୍ୟାତ୍ମିକ ଜ୍ଞାନର ବିକାଶ ଏବଂ ସ୍ତମ୍ଭନ ଶକ୍ତିର ବୃଦ୍ଧି ହୋଇଥାଏ। ଦେବୀ ମାତଙ୍ଗୀଙ୍କ ଉପାସନା ଦ୍ୱାରା ସିଦ୍ଧି ପ୍ରାପ୍ତ କରୁଥିବା ଉକ୍ତ କ୍ରୀଡାକୌଶଳ, କଳା, ସଂଗୀତ ଦୁନିଆରେ ପ୍ରସିଦ୍ଧି ହାସଲ କରିଥାଏ। ଦେବୀ ଶକ୍ତିଙ୍କ ଦଶ ମହାବିଦ୍ୟା ସ୍ୱରୂପ ମଧ୍ୟରୁ ମାତଙ୍ଗୀଙ୍କ ସ୍ଥାନ ନବମ।

ଦଶ ମହାବିଦ୍ୟାଙ୍କ ଦଶମ ସ୍ୱରୂପ : ଦେବୀ କମଳା

ଦେବୀ ଶକ୍ତିଙ୍କ ଦଶ ମହାବିଦ୍ୟା ସ୍ୱରୂପ ମଧ୍ୟରୁ ଦେବୀ କମଳା ବା କମଳାତ୍ମିକାଙ୍କ ସ୍ଥାନ ହେଉଛି ଦଶମ। କମଳାଙ୍କୁ ସୌଭାଗ୍ୟର ଦେବୀ ଭାବେ ଉପାସନା କରାଯାଇଥାଏ। ଦେବୀଙ୍କ ବର୍ଣ୍ଣ ସୁବର୍ଣ୍ଣ। ସେ ଚାରିଭୂଜାଧାରିଣୀ। ଦେବୀଙ୍କ ଦୁଇ ହାତରେ ଦୁଇଟି ପଦ୍ମ ପୁଷ୍ପ ଏବଂ ଅନ୍ୟ ଦୁଇଟି ହାତ ଅଭୟ ମୁଦ୍ରା ଏବଂ ବରମୁଦ୍ରାରେ ଥାଏ। ଦେବୀ ନିଜର ଭକ୍ତମାନଙ୍କୁ ସର୍ବଦା ସୌଭାଗ୍ୟର ଆଶୀର୍ବାଦ ପ୍ରଦାନ କରିଥାନ୍ତି। ଦୁଇଟି ବିଶାଳକାୟ ଧଳା ହସ୍ତୀ ସୁବର୍ଣ୍ଣ କଳସରେ ଦେବୀଭ୍କ ଜଳାଭିଷେକ କରିଥାନ୍ତି। ଦେବୀ ହେଉଛନ୍ତି ଧନର ଦେବୀ ମା' ଲକ୍ଷ୍ମୀଙ୍କ ପ୍ରତିରୂପ। ଧନରତ୍ନ, ଶସ୍ୟ ଆଦି ପ୍ରାପ୍ତି ନିମନ୍ତେ ମା' କମଳାତ୍ମିକାଙ୍କ ପୂଜା କରାଯାଇଥାଏ। "ଓଁ ଶ୍ରୀଂ ଶ୍ରୀଂ କମଳାତ୍ମିକା ଶ୍ରୀଂ ସ୍ୱାହା" ମନ୍ତ୍ର ଦ୍ୱାରା ଦେବୀଙ୍କର ଆରାଧନା କରିବା ଦ୍ୱାରା ଦେବୀଙ୍କ କୃପାରୁ ସୌଭାଗ୍ୟ ବୃଦ୍ଧି ପାଇଥାଏ। ଏହି ବିଦ୍ୟାରେ ରୁଦ୍ର ହେଉଛନ୍ତି କମଳ ।

ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮









## ଜାମ୍ମୁ କାଶ୍ମୀରରେ ଅନୁପ୍ରବେଶ ପାଇଁ ଲୁଚିଛନ୍ତି ଆତଙ୍କୀବାଦୀ

**ନୂଆଦିଲ୍ଲୀ,୨୮।୯:** ଜମ୍ମୁ କାଶ୍ମୀରରେ ଅନୁପ୍ରବେଶ ପାଇଁ ନିୟନ୍ତ୍ରଣ ରେଖା ଏଲଓସି ନିକଟରେ ଆତଙ୍କବାଦୀ ଡେରା ପକାଇଛନ୍ତି । ଶୀତଋତୁରେ ତୁଷାର ପାତ ପୂର୍ବରୁ ଅନୁପ୍ରେବଶ ପାଇଁ ଉଦ୍ୟମ କରୁଛନ୍ତି ଆତଙ୍କବାଦୀ । ସେମାନଙ୍କ ଉଦ୍ୟମ ପ୍ରତିହତ କରିବା ପାଇଁ ସୁରକ୍ଷାକର୍ମୀ ପ୍ରସ୍ତୁତ ଥିବା ବିଏସଏଫ୍ ଆଇଜି ଅଶୋକ ଯାଦବ ସୂଚନା ଦେଇଛନ୍ତି । ଏହା ମଧ୍ୟରେ ଦୁଇଥର ଅନୁପ୍ରବେଶ ଉଦ୍ୟମକୁ ବିଫଳ କରିଦିଆଯାଇଛି । ବାନ୍ଦିପୋରା ଓ କୁପଓ୍ୱାଡ଼ା ସେକ୍ଟରରେ ଏଲଓସି ସେପଟେ ବହୁ ଆତଙ୍କବାଦୀ ଶୀତଋତୁରେ ବରଫ ପାତ ପୂର୍ବରୁ ଜମ୍ମୁ କାଶ୍ମୀରରେ ଅନୁପ୍ରବେଶ ପାଇଁ ଉଦ୍ୟମ କରୁଛନ୍ତି । ସେମାନଙ୍କ କୌଣସି ପ୍ରକାର ଉଦ୍ୟମକୁ ସଫଳ କରାଇ ଦିଆଯିବ ନାହିଁ ବୋଲି ବିଏସଫ୍ ପକ୍ଷରୁ ସୂଚନା ଦିଆଯାଇଛି ।

## ପହଲଗାମ୍ ଆକ୍ରମଣକୁ ବ୍ରିକ୍ସ ଦେଶମାନଙ୍କର ଭର୍ତ୍ସନା

**ନୂଆଦିଲ୍ଲୀ,୨୮।୯:** ନ୍ୟୁୟର୍କ-ସଂଯୁକ୍ତ ରାଷ୍ଟ୍ର ସାଧାରଣ ପରିଷଦ (ୟୁଏନଜିଏ ୮୦) ଅବସରରେ ଅନୁଷ୍ଠିତ ବ୍ରିକ୍ସ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଏଥିରେ ୨୦୨୬ ମସିହାରେ ଭାରତର ଆଗାମୀ ବ୍ରିକ୍ସ ସଭାପତିତ୍ୱ, ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟ, ଜାତିସଂଘ ସୁରକ୍ଷା ପରିଷଦ ସଂସ୍କାର ପାଇଁ ଆହ୍ୱାନ ଏବଂ ବିଶ୍ୱ ବାଣିଜ୍ୟରେ ବଢୁଥିବା ପ୍ରତିବନ୍ଧକ ଉପରେ ଚିନ୍ତା କରାଯାଇଥିଲା। ଭାରତ ଏହି ବୈଠକର ଅଧ୍ୟକ୍ଷତା କରିଥିଲା, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଅଧିବେଶନର ନେତୃତ୍ୱ ନେଇଥିଲେ । ଭାରତ ଆସନ୍ତା ବର୍ଷ ବ୍ରିକ୍ସ ସଭାପତିତ୍ୱ ଗ୍ରହଣ କରିବାକୁ ଯାଉଛି ଏବଂ ଏହି ସମ୍ପର୍କରେ ସମସ୍ତ ସଦସ୍ୟ ଦେଶଙ୍କଠାରୁ ସର୍ବସମ୍ମତ ସମର୍ଥନ ମଧ୍ୟ ପାଇଛି। ବୈଠକ ପରେ ଜାରି ଏକ ମିଳିତ ବିବୃତ୍ତିରେ କୁହାଯାଇଛି ଯେ, ୟୁଏନଜିଏ ୮୦ ଅବସରରେ ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ଆୟୋଜନ କରିବା ପାଇଁ ମନ୍ତ୍ରୀମାନେ ଭାରତକୁ ପ୍ରଶଂସା କରିଥିଲେ । ସେମାନେ ୨୦୨୬ ରେ ଭାରତର ସଭାପତିତ୍ୱ ଏବଂ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ ପାଇଁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ବୈଠକରେ ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ



କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ନିନ୍ଦା କରାଯାଇଥିଲା । ମନ୍ତ୍ରୀମାନେ ସମସ୍ତ ପ୍ରକାରର ଆତଙ୍କବାଦ ବିରୁଦ୍ଧରେ ସେମାନଙ୍କର ଶୂନ୍ୟ ସହନଶୀଳତା ନୀତିକୁ ପୁନଃସ୍ଥାପନ କରିଥିଲେ । ସେମାନେ ସୀମାପାର ଗତିବିଧି, ପାଣ୍ଠି ଏବଂ ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳ ଉପରେ ଚିନ୍ତା ପ୍ରକାଶ କରିଥିବା ବିବୃତ୍ତିରେ କୁହାଯାଇଛି । ଏହି ବିବୃତ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମିଳିତ ଜାତିସଂଘରେ ଦେଇଥିବା ମନ୍ତବ୍ୟ ପ୍ରତି ଭାରତର ସାମ୍ପ୍ରତିକ ପ୍ରତିକ୍ରିୟା ସହିତ ସମାନ, ଯେଉଁଥିରେ ଭାରତ ପାକିସ୍ତାନ ଓ ଆତଙ୍କବାଦକୁ ସମାଲୋଚନା କରିଥିଲା ।

## ସୋନମ ୱାଙ୍ଗଚୁକଙ୍କ ଉତ୍ତେଜକ ଭାଷଣ ଯୋଗୁଁ ହିଂସା ହୋଇଥିଲା

**ନୂଆଦିଲ୍ଲୀ,୨୮।୯:** ସୋନମ ୱାଙ୍ଗଚୁକଙ୍କ ଗିରଫଦାରୀ ସଂପର୍କରେ ଲଦାଖ ଡିଜିପି ଏସଡି ସିଂହ ଜାମୱାଲ ଏକ ବଡ଼ ବୟାନ ଦେଇଛନ୍ତି । ସେ ୱାଙ୍ଗଚୁକଙ୍କ ବିଷୟରେ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି । ଗଣମାଧ୍ୟମକୁ ଜାମୱାଲ କହିଛନ୍ତି ଯେ ସେପ୍ଟେମ୍ବର ୨୪ ତାରିଖରେ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ପୂର୍ବରୁ ତଥାକଥିତ ପରିବେଶ କର୍ମୀଙ୍କ ଦ୍ୱାରା ଉତ୍ତେଜକ ଭାଷଣ ଦ୍ୱାରା ହିଂସା ସୃଷ୍ଟି ହୋଇଥିଲା । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଆନ୍ଦୋଳନରେ କେତେକ ବିଦେଶୀ (ନେପାଳି)ଙ୍କ ସଂପୃକ୍ତି ସଂପର୍କରେ ତଦନ୍ତ କରାଯାଉଛି । ସେହିପରି ୱାଙ୍ଗଚୁକଙ୍କ ବିଦେଶ ଗସ୍ତ ଓ କେତେକ ପାକିସ୍ତାନୀ ଅଧିକାରୀଙ୍କ ସହ ଆଲୋଚନା ଉପରେ ତଦନ୍ତ କରାଯାଉଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଆନ୍ଦୋଳନରେ କେତେକ ବିଦେଶୀ (ନେପାଳି)ଙ୍କ ସଂପୃକ୍ତି ସଂପର୍କରେ ତଦନ୍ତ କରାଯାଉଛି । ସେହିପରି ୱାଙ୍ଗଚୁକଙ୍କ ବିଦେଶ ଗସ୍ତ ଓ କେତେକ



ପାକିସ୍ତାନୀ ଅଧିକାରୀଙ୍କ ସହ ଆଲୋଚନା ଉପରେ ତଦନ୍ତ କରାଯାଉଛି । ସେ ଅଭିଯୋଗ କରିଛନ୍ତି ଯେ କର୍ମୀ ସୋନମ ୱାଙ୍ଗଚୁକ ଆଲୋଚନା ପ୍ରକ୍ରିୟାକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରିଥିଲେ । ଡିଜିପି କହିଛନ୍ତି ଯେ ହିଂସା ସମୟରେ ପ୍ରାୟ ପାଞ୍ଚରୁ ଛଅ ହଜାର ଲୋକ ସରକାରୀ କୋଠା ଏବଂ ରାଜନୈତିକ ଦଳର କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ । ଚାରି ଜଣ ଲୋକ ପ୍ରାଣ ହରାଇଥିଲେ ଏବଂ ବହୁ ସଂଖ୍ୟକ ସାଧାରଣ ନାଗରିକ, ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀର କର୍ମଚାରୀ ଆହତ ହୋଇଥିଲେ । ଡିଜିପି ଜାମୱାଲ କହିଛନ୍ତି, ସେପ୍ଟେମ୍ବର ୨୪ ତାରିଖରେ ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଚାରି ଜଣଙ୍କ ଜୀବନ ଯାଇଥିଲା ଏବଂ ବହୁ ସଂଖ୍ୟକ ଲୋକ ଆହତ ହୋଇଥିଲେ। କିଛି ତଥାକଥିତ ପରିବେଶ କର୍ମୀ ପ୍ରକ୍ରିୟାକୁ ବାଧା ଦେବାକୁ ଚେଷ୍ଟା କରିଥିଲେ। ସବୁଠାରୁ ପ୍ରମୁଖ ନାମ ହେଉଛି ସୋନମ ୱାଙ୍ଗଚୁକ, ଯିଏ ପୂର୍ବରୁ ସମାନ ବୟାନ ଦେଇ ପ୍ରକ୍ରିୟାକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରିଥିଲେ ।

## ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍

**ନୂଆଦିଲ୍ଲୀ,୨୮।୯:** ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ, ଯାହା ମୁମ୍ବାଇ ଏବଂ ଅହମଦାବାଦ ମଧ୍ୟରେ ଚାଲିବ, ୨୦୨୯ ସୁଦ୍ଧା ପୂର୍ଣ୍ଣ ଗତିରେ କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ସେହିଭଳି ଗୁଜୁରାଟର ମାତ୍ର ୫୦ କିମି ଲମ୍ବ ସୁରଟ ଓ ବିଲିମୋରା ରୁଟରେ ଏହି ଅତ୍ୟାଧୁନିକ ହାଇ-ସ୍ପିଡ୍ ରେଳ ୨୦୨୭ ସୁଦ୍ଧା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ତେବେ ଏହି ପ୍ରକଳ୍ପ ଭାରତର ରେଳ ଯୋଗାଯୋଗ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିବ । ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ତଥ୍ୟ ଅନୁଯାୟୀ, ମୁମ୍ବାଇ-ଅହମଦାବାଦ ହାଇ-ସ୍ପିଡ୍ ରେଳ କରିଡର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି ରୁଟ୍ ୫୦୮ କିଲୋମିଟର ଦୈର୍ଘ୍ୟରେ ବିସ୍ତାରିତ ହେବ ଏବଂ ଏହା ଦୁଇ ସହର ମଧ୍ୟରେ ଯାତ୍ରା ସମୟକୁ ନାଟକୀୟ ଭାବେ ହ୍ରାସ କରିବ । ଏହି ରେଳ ଯାତ୍ରା ଆରମ୍ଭ ହେଲେ ମୁମ୍ବାଇ-ଅହମଦାବାଦ ମଧ୍ୟରେ ମାତ୍ର ୨ ଘଣ୍ଟାରେ ଯାତ୍ରା ସମ୍ପୂର୍ଣ୍ଣ ହେବ। ନିର୍ମାଣାଧିନ ସୁରଟ ଷ୍ଟେସନ ଯାଞ୍ଚ କରିବା ସହ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଭାରତର ପ୍ରଥମ ବୁଲେଟ ରେଳ ପ୍ରକଳ୍ପର କାମ ଜୋରସୋରରେ ଆଗେଇ ଚାଲିଛି । ସୁରଟ ଓ ବିଲିମୋରା ମଧ୍ୟରେ ଚାଲିବାକୁ ଥିବା ପ୍ରଥମ ୫୦ କିମି ଆସନ୍ତା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ । ସେହିପରି ଥାନେ-ଅହମଦାବାଦ ୨୦୨୮ ସୁଦ୍ଧା ଓ ସମ୍ପୂର୍ଣ୍ଣ ମୁମ୍ବାଇ-ଅହମଦାବାଦ ସେକ୍ସନ ୨୦୨୯ ସୁଦ୍ଧା କାର୍ଯ୍ୟକ୍ଷମ ହେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଟ୍ରେନ୍ ମେନ ଲାଇନରେ ଘଣ୍ଟାପ୍ରତି ୩୨୦ କିମି ବେଗରେ ଯାତ୍ରା କରିପାରିବା ବେଳେ ଲୁପ ଲାଇନରେ ୮୦ କିମି ବେଗରେ ଯାତ୍ରା କରିପାରିବ ।

## ସେନାର ବଢ଼ିବ ଶକ୍ତି, ଯବାନଙ୍କୁ ରକ୍ଷା କରିବ ଅନନ୍ତ

**ନୂଆଦିଲ୍ଲୀ,୨୮।୯:** ଭାରତୀୟ ସେନା ଏହାର ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି । ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ଦ୍ରୁତ ପ୍ରତିକ୍ରିୟା ପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର (QRSAM) ଅନନ୍ତ ଶସ୍ତ୍ରକୁ ସାମିଲ କରିବା ପାଇଁ ଏକ ପ୍ରସ୍ତାବ ପାଇଁ ଅନୁରୋଧ (RFP) ଜାରି କରିଛି । ଏହା ସାମିଲ ହେବା ପରେ, ଟ୍ୟାଙ୍କ, ଯବାନଙ୍କ ଯୁଦ୍ଧ ଯାନ (ଯେପରିକି ବିଏମପି), ଏବଂ ତୋପ ମଧ୍ୟ ବିପଦରୁ



ମଧ୍ୟ ସୁରକ୍ଷିତ ରହିବ । ଅପରେସନ୍ ସିନ୍ଦୁର ସମୟରେ, ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଶତ୍ରୁ ବିରୁଦ୍ଧରେ ଏକ ଅଟଳ କାନ୍ଥ ପରି ଠିଆ ହୋଇ ନିଜର ଦକ୍ଷତା ପ୍ରମାଣିତ କରିଛି । ଅନନ୍ତ ଶସ୍ତ୍ର ସହିତ, ଏହି ପ୍ରାଚୀର ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି । ଏହି ପ୍ରଣାଳୀ ୧୦ କିଲୋମିଟର ପର୍ଯ୍ୟନ୍ତ ନିମ୍ନରୁ ମଧ୍ୟମ ବାୟୁ କ୍ଷେତ୍ର ଏବଂ ସିଧାସଳଖ ଭୂମି ସୈନ୍ୟ ଏବଂ ଉପକରଣକୁ ସୁରକ୍ଷା ପ୍ରଦାନ କରିବ । ଏହି ଅଞ୍ଚଳଟି ହେଉଛି ସେହି ଅଞ୍ଚଳ ଯେଉଁଠାରେ ଶତ୍ରୁ ବିମାନ, ହେଲିକପ୍ଟର ଏବଂ ଡ୍ରୋନ୍ ସେନା ପାଇଁ ବିପଦ ସୃଷ୍ଟି କରନ୍ତି । ଅନନ୍ତ ଶସ୍ତ୍ର QRSAM ଏକ ବିଶ୍ୱସ୍ତରୀୟ ଏବଂ ଗର୍ବିତ ଭାରତୀୟ ପ୍ରତିରକ୍ଷା ପ୍ରଣାଳୀ । ଡିଆରଡିଓ ଦ୍ୱାରା ସ୍ୱଦେଶୀ ଭାବରେ ବିକଶିତ, ଅନନ୍ତ ଶସ୍ତ୍ର ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆକୁ ପ୍ରତିଫଳିତ କରେ। ଏହା ସେନାର ଆବଶ୍ୟକତା ଅନୁସାରେ ପ୍ରସ୍ତୁତ, ଦ୍ରୁତ ଗତିରେ ପରିବର୍ତ୍ତିତ ଯୁଦ୍ଧକ୍ଷେତ୍ରରେ ମଧ୍ୟ ମୋବାଇଲ୍ ୟୁନିଟ୍ ଏବଂ ଯାନ୍ତ୍ରିକ ସୈନ୍ୟମାନଙ୍କୁ ବାୟୁ ପ୍ରତିରକ୍ଷା ପ୍ରଦାନ କରେ । ଏହା କେବଳ ଏକ କ୍ଷେପଣାସ୍ତ୍ର ପ୍ରଣାଳୀ ନୁହେଁ, ବରଂ ଭାରତର ପ୍ରଯୁକ୍ତିବିଦ୍ୟା ଦକ୍ଷତା ଏବଂ ଆତ୍ମନିର୍ଭରତାର ପ୍ରତୀକ । ଏହା ୩୦-୪୦ କିଲୋମିଟର ଦୂରରେ ଥିବା ବିପଦକୁ ନଷ୍ଟ କରେ, ୬-୧୦ କିଲୋମିଟର ଉଚ୍ଚତାରେ ଅବସ୍ଥିତ ଲକ୍ଷ୍ୟକୁ ନିଷ୍କ୍ରିୟ କରେ, ଯେଉଁଥିରେ ଲଢୁଆ ବିମାନ, ହେଲିକପ୍ଟର, ଡ୍ରୋନ୍, ରକେଟ୍ ଏବଂ କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ ।

## ସବୁଜ ବାଣକୁ ସୁପ୍ରିମକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୨୮।୯:** ସୁପ୍ରିମକୋର୍ଟ ଦୀପାବଳି ପୂର୍ବରୁ ଶୁକ୍ରବାର ଦିଲ୍ଲୀ-ଏନ୍ସିଆରରେ ସବୁଜ ବାଣ ପ୍ରସ୍ତୁତ କରିବାକୁ ଅନୁମତି ଦେଇଛନ୍ତି । ଯେଉଁ ନିର୍ମାତାମାନଙ୍କ ନିକଟରେ ସବୁଜ ବାଣ ପ୍ରସ୍ତୁତି ଲାଗି ନ୍ୟାସନାଲ ଏନଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଓ ପେଟ୍ରୋଲିୟମ୍ ଆଣ୍ଡ ଏକ୍ସପ୍ଲୋସିଭ୍ସ ସେଫ୍ଟି ଅରଗାନାଇଜେସନ୍ ପକ୍ଷରୁ ଜାରି ଲାଇସେନ୍ସ ରହିଛି ସେମାନେ ହିଁ ବାଣ ପ୍ରସ୍ତୁତ କରିପାରିବେ ବୋଲି କୋର୍ଟ କହିଛନ୍ତି । ଏହି ସମୟରେ ସିଜେଆଇ ଜଷ୍ଟିସ୍ ବି.ଆର୍. ଗଭଇ, ଜଷ୍ଟିସ୍ କେ.ବିନୋଦ ଚନ୍ଦ୍ରନ୍ ଓ ଜଷ୍ଟିସ୍ ଏନ୍ ଭି ଅନଜାରିଆଙ୍କ ଖଣ୍ଡପୀଠ ବାଣ ନିର୍ମାତାମାନଙ୍କ ଲାଗି ଏକ ସର୍ତ୍ତ ମଧ୍ୟ ରଖିଛନ୍ତି । ସେ ଅନୁସାରେ, କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଦିଲ୍ଲୀ-ଏନ୍ସିଆରରେ କେହି ବାଣ ବିକ୍ରି କରିବେ ନାହିଁ । ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୮ରେ ହେବ । ଏହାପୂର୍ବରୁ ସୁପ୍ରିମକୋର୍ଟ ଏପ୍ରିଲ ୩ ତାରିଖରେ ଦିଲ୍ଲୀ-ଏନ୍ସିଆରରେ ବାଣ ଉପରେ ବ୍ୟାନ୍ କେବଳ ଶୀତଦିନ ପରିବର୍ତ୍ତେ ବର୍ଷ ସାରା ଲାଗୁ କରିବାକୁ ଆଦେଶ ଦେଇଥିଲେ । ସେହି ରାୟକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ଆଜି ସେହି ମାମଲାର ଶୁଣାଣି ସମୟରେ ଖଣ୍ଡପୀଠ



କହିଛନ୍ତି ଯେ, ବାଣ ଉପରେ ସଂପୂର୍ଣ୍ଣ ବ୍ୟାନ୍ ସମ୍ଭବ ନୁହେଁ । ଏହା ଠିକ୍ ମଧ୍ୟ ନୁହେଁ । ବିହାରରେ ଖଣି ଖନନ ସଂପୂର୍ଣ୍ଣ ବ୍ୟାନ୍ ହେବା ଯୋଗୁ ବେଆଇନ ମାଫିଆଙ୍କୁ ପ୍ରୋତ୍ସାହନ ମିଳିଥିଲା । ତେଣୁ ଏହି ମାମଲାରେ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ରହିଛି । ଏଭଳି ସ୍ଥଳରେ ଦିଲ୍ଲୀ ସରକାର, ବାଣ ପ୍ରସ୍ତୁତକାରୀ, ବିକ୍ରେତାଙ୍କ ସମେତ ସମସ୍ତ ହିତାଧିକାରୀଙ୍କ ସହ ଆଲୋଚନା କରି କେନ୍ଦ୍ର ସରକାର ବାଣ ଉପରେ ସଂପୂର୍ଣ୍ଣ ବ୍ୟାନକୁ ସଂଶୋଧିତ କରିବାର ପ୍ରସ୍ତାବ ଆଣନ୍ତୁ । ଏକ ବ୍ୟବହାରିକ ସମାଧାନ ନେଇ ଆସନ୍ତୁ ଯାହାକୁ ସମସ୍ତେ ସ୍ୱୀକାର କରିବେ । ସେହିପରି କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତ ପକ୍ଷଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ କୋର୍ଟ ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟିଙ୍କୁ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଏଥିନେଇ ସୂଚୀତ କରିବାକୁ କହିଛନ୍ତି ।

## ଗାଜାରେ ହମାସକୁ ନିପାତ କରାଯିବ

**ୱାଶିଂଟନ,୨୮।୯:** ଗାଜା କାମ ତମାମ କରାଯିବ । ସେଠାରେ ହମାସ ଆତଙ୍କୀଙ୍କୁ ନିପାତ କରାଯିବ ଏବଂ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରାଯିବ । ଏହି କାର୍ଯ୍ୟ ଖୁବଶୀଘ୍ର ଶେଷ ହେବ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଜାତିସଂଘରେ ଏଭଳି ହୁଙ୍କାର ଦେଇଛନ୍ତି । ଜାତିସଂଘ ସାଧାରଣ ପରିଷଦ ଅଧିବେଶନକୁ ସମ୍ବୋଧନ କରି ନେତନ୍ୟାହୁ କହିଛନ୍ତି ଯେ, ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ହମାସକୁ କହିଲୁ । ସେମାନେ ଶୁଣିଲେ ନାହିଁ । ଆମ ସେନା ସେଠାରେ ପ୍ରବେଶ କରିବେ ଓ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବେ । ଗତ ୧ ବର୍ଷ ଭିତରେ ସ୍ଥିତି ବଦଳିଯାଇଛି । ଇସ୍ରାଏଲ ତାର ସବୁ ଶତ୍ରୁଙ୍କୁ ନିପାତ କରିଛି । ୟେମେନରେ ହୁତି, ଗାଜାରେ ହମାସ, ଲେବାନନରେ ହିଜବୁଲ୍ଲା, ସିରିଆରେ ଅସଦ ଏବଂ ସବୁଠାରୁ ବଡକଥା ହେଉଛି ଇରାନର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିଦିଆଯାଇଛି । ଏହି ଅବସରରେ ସେ ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ର ମାନ୍ୟତା ଦେଇଥିବା ଦେଶମାନଙ୍କୁ ସମାଲୋଚନା କରିଥିଲେ । କହିଥିଲେ ୯/୧୧ ଆକ୍ରମଣ ପରେ ନ୍ୟୁୟର୍କ ସିଟି ଠାରୁ ୧ ମାଇଲ ଦୂରରେ ଅଲ୍‌କାଏଦାକୁ ଏକ ରାଷ୍ଟ୍ର ଗଠନ କରିବାକୁ ଅନୁମତି ଦେବା ଯାହା ଅକ୍ଟୋବର ୭ ଗଣହତ୍ୟା ପରେ ହମାସକୁ ଇସ୍ରାଏଲ ସୀମା ଠାରୁ ୧ ମାଇଲ ଦୂରରେ ସ୍ୱତନ୍ତ୍ର ରାଷ୍ଟ୍ର ବନାଇବାକୁ ସ୍ୱୀକୃତି ଦେବା ସହ ସମାନ ।



ଅନ୍ୟପକ୍ଷରେ ନେତନ୍ୟାହୁଙ୍କୁ ଜାତିସଂଘରେ ବିରୋଧର ସାମ୍ନା କରିବାକୁ ପଡିଛି । ସେ ଭାଷଣ ଦେଉଥିବା ବେଳେ କିଛି ରାଷ୍ଟ୍ରର ପ୍ରତିନିଧି ନିଜ ଚୌକିରୁ ଉଠି ପଳାଇବା ଦେଖିବାକୁ ମିଳିଥିଲା । ଆଉ କିଛି ପ୍ରତିନିଧି ତାଙ୍କ ଭାଷଣକୁ ପ୍ରଶଂସା ମଧ୍ୟ କରିଥିଲେ । ଏହା ପୂର୍ବରୁ ନେତନ୍ୟାହୁ ରାସ୍ତା ବଦଳାଇ ୬୦୦ କି.ମି. ଅତିରିକ୍ତ ବାଟ ଅତିକ୍ରମ କରି ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗଦେବାକୁ ନ୍ୟୁୟର୍କରେ ପହଞ୍ଚିଥିଲେ । ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ (ଆଇସିସି) ପକ୍ଷରୁ ତାଙ୍କ ବିରୋଧରେ ଜାରି ଗିରଫ ପରୱାନାରୁ ବର୍ତ୍ତିବାକୁ ସେ ଏଭଳି କରିଛନ୍ତି । ତେଲ୍ ଆଭିଭରୁ ନ୍ୟୁୟର୍କ ଯିବା ଲାଗି ନେତନ୍ୟାହୁଙ୍କୁ ଅଧିକ ୨ ଘଣ୍ଟା ସମୟ ଲାଗିଥିଲା । ଫ୍ଲାଇଟ୍ ଟ୍ରାକିଂ ଡାଟା ଅନୁସାରେ ନେତନ୍ୟାହୁଙ୍କ ବିମାନ ଗ୍ରୀସ୍ ଓ ଇଟାଲୀ ବାୟୁସୀମା ଦେଇ ଅତିକ୍ରମ କରିଥିଲା । କିନ୍ତୁ ୟୁରୋପର ଅନ୍ୟ କୌଣସି ଦେଶ ଯେପରି ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, ଆୟର୍ଲାଣ୍ଡ ଓ ବ୍ରିଟେନର ବାୟୁସୀମାକୁ ଯାଇନଥିଲା । ସାଧାରଣତଃ ତେଲ୍ ଆଭିଭରୁ ନ୍ୟୁୟର୍କ ଯିବା ଲାଗି ୧୦-୧୧ ଘଣ୍ଟା ସମୟ ଲାଗେ । କିନ୍ତୁ ନେତନ୍ୟାହୁଙ୍କୁ ୧୩ ଘଣ୍ଟା ଲାଗିଥିଲା । ନେତନ୍ୟାହୁଙ୍କ ବିରୋଧରେ ଆଇସିସି ୨୦୨୪ରେ ଗିରଫ ପରୱାନା ଜାରି କରିଥିଲା । ଗାଜା ଆକ୍ରମଣ ଏବଂ ସେଠାରେ ଅନାହାରକୁ ଅସ୍ତ୍ର ଭାବେ ବ୍ୟବହାର କରିବା ନେଇ ଅଭିଯୋଗ ହୋଇଥିଲା । ନେତନ୍ୟାହୁ କୌଣସି ୟୁରୋପୀୟ ଦେଶର ବାୟୁସୀମା ଦେଇ ଯାଇଥିଲେ ସେଠାରେ ଅବତରଣ କରିବାକୁ ପଡିଥାନ୍ତା । ଆଇସିସି ନିୟମ ଅନୁସାରେ ସମ୍ପୃକ୍ତ ଦେଶ ତାଙ୍କୁ ଗିରଫ କରି ଆଇସିସିକୁ ହସ୍ତାନ୍ତର କରିଥାନ୍ତେ ।

## ପ୍ରବଳ ବର୍ଷାରେ ବେହାଲ ହାଇଦ୍ରାବାଦ୍

**ନୂଆଦିଲ୍ଲୀ,୨୮।୯:** ଶନିବାର, ସେପ୍ଟେମ୍ବର ୨୭ ତାରିଖରେ ହାଇଦ୍ରାବାଦରେ ପ୍ରବଳ ବର୍ଷା ସାଧାରଣ ଜନଜୀବନକୁ ପ୍ରଭାବିତ କରିଛି । ମୁଷଳଧାରାରେ ବର୍ଷା ହେବା ପରେ, ସହରର ଜୀବନରେଖା କୁହାଯାଉଥିବା ମୁସି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଯୋଡ଼ା ଜଳଭଣ୍ଡାର-ହିମାୟତସାଗର ଏବଂ ଓସମାନ ସାଗରର ଗେଟ୍ ଖୋଲାଯାଇଥିବା ବେଳେ ସ୍ଥିତି ଆହୁରି ଖରାପ ହୋଇଛି । ବିଭିନ୍ନ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ପ୍ରଶାସନ ପକ୍ଷରୁ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ପରିବାରକୁ ଖାଦ୍ୟ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ରଙ୍ଗାରେଡ୍ଡି ଜିଲ୍ଲାର ମୀରପେଟ୍ ମ୍ୟୁନିସିପାଲ୍ କର୍ପୋରେସନ୍ ସୀମାରେ ଥିବା ମିଥିଳା ନଗର କଲୋନି ସମେତ ଅନେକ କଲୋନି ଆଣ୍ଠୁଏ ଲେଖାଏଁ ପାଣିରେ ବୁଡ଼ି ରହିଛି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେୱନ୍ତ ରେଡ୍ଡି ପରିସ୍ଥିତି ଉପରେ ସମୀକ୍ଷା କରିବା ସହ ମୁକାବିଲା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

### ବଢ଼ିଲା ଭାରତର ଚିନ୍ତା

## ଦ୍ରୁତ ଗତିରେ ଶୁଖୁଛି ଗଙ୍ଗା

**ନୂଆଦିଲ୍ଲୀ,୨୮।୯:** ଦକ୍ଷିଣ ଏସିଆରେ କୋଟି କୋଟି ଲୋକଙ୍କ ଜୀବନରେଖା ଗଙ୍ଗାନଦୀ ଦ୍ରୁତ ଗତିରେ ଶୁଖିବାରେ ଲାଗିଛି, ଏନେଇ ବୈଜ୍ଞାନିକମାନେ କହିଛନ୍ତି ଇତିହାସରେ ଯାହା ହୋଇନଥିଲା ତାହା ଏବେ ରେକର୍ଡ ହୋଇଛି। ଜଳବାୟୁ ପରିବର୍ତ୍ତନ, ମୌସୁମୀର ଢାଞ୍ଚାରେ ପରିବର୍ତ୍ତନ, ନିରନ୍ତର ଜଳ ଉତ୍ତୋଳନ ଓ ବନ୍ଧ ନିର୍ମାଣ ଏହି ଶକ୍ତିଶାଳୀ ନଦୀକୁ ଅବକ୍ଷୟ ଆଡକୁ ଠେଲି ଦେଉଛି, ଯାହାର ପ୍ରଭାବ ସମଗ୍ର ଅଞ୍ଚଳରେ ଖାଦ୍ୟ, ଜଳ ଓ ଜୀବିକା ଉପରେ ପଡ଼ିଛି । ଗଙ୍ଗା ଓ ଏହାର ଉପନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବିଶ୍ୱର ସବୁଠାରୁ ଘନ ଜନବହୁଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ । ହିମାଳୟରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟାପିଥିବା ସମଗ୍ର ନଦୀ ଅବବାହିକାରେ ୬୫୦ ନିୟୁତ ଲୋକ ବାସ କରନ୍ତି । ଏହା ଭାରତର ମଧୁର ଜଳର ଏକ ଚତୁର୍ଥାଂଶ ଏବଂ ଏହାର ଖାଦ୍ୟ ଓ ଅର୍ଥନୈତିକ ମୂଲ୍ୟର ଅଧିକାଂଶ ଅଂଶ ବହନ କରେ । ତଥାପି ନୂତନ ଅନୁସନ୍ଧାନରୁ ଜଣାପଡିଛି ଯେ, ରେକର୍ଡ ହୋଇଥିବା ଇତିହାସରେ ସବୁଠାରୁ ଦ୍ରୁତ ଗତିରେ ଏହାର ଅବକ୍ଷୟ ଘଟୁଛି । ସାମ୍ପ୍ରତିକ ଦଶନ୍ଧି ମଧ୍ୟରେ, ବୈଜ୍ଞାନିକମାନେ ବିଶ୍ୱର ଅନେକ ବଡ଼ ନଦୀରେ ଉଦବେଗଜନକ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି, କିନ୍ତୁ ଗଙ୍ଗାନଦୀର ଅବକ୍ଷୟ ସବୁଠାରୁ ଅଧିକ । ଏକ ନୂତନ ଅଧ୍ୟୟନରେ,



ବୈଜ୍ଞାନିକମାନେ ୧,୩୦୦ ବର୍ଷର ପୁରୁଣା ପ୍ରବାହର ରେକର୍ଡକୁ ପୁନଃନିର୍ମାଣ କରି ଦର୍ଶାଇଛନ୍ତି ଯେ, ଗତ କିଛି ଦଶନ୍ଧି ମଧ୍ୟରେ ଅବବାହିକା ଏହାର ସବୁଠାରୁ ଭୟଙ୍କର ମରୁଡ଼ିର ସମ୍ମୁଖୀନ ହୋଇଛି । ଏକଦା ବର୍ଷସାରା ନୌଚଳାଚଳକୁ ସମର୍ଥନ କରୁଥିବା ନଦୀର ଅନେକ ଅଂଶରେ ବର୍ତ୍ତମାନ ଗ୍ରୀଷ୍ମଋତୁରେ ଡଙ୍ଗା ଚାଲିବା ଅସମ୍ଭବ । ଏକଦା ବଙ୍ଗଳା ଓ ବିହାରରୁ ବାରାଣସୀ ଓ ପ୍ରୟାଗରାଜ ଦେଇ ଗଙ୍ଗାରେ ବଡ଼ ଡଙ୍ଗା ଚାଲୁଥିଲା । ଏକ ପିଢ଼ି ପୂର୍ବରୁ ଅନେକ ସପ୍ତାହ ଧରି କ୍ଷେତକୁ ଜଳସେଚନ କରୁଥିବା କେନାଲଗୁଡ଼ିକ ବର୍ତ୍ତମାନ ଶୀଘ୍ର ଶୁଖିଯାଉଛି । ବିଶ୍ୱ ଜଳବାୟୁ ମଡେଲଗୁଡ଼ିକ ଏହି ଶୁଖିବାର ଗମ୍ଭୀରତା ପୂର୍ବାନୁମାନ କରିବାରେ ବିଫଳ ହୋଇଛି । ଜଳ କେନାଲକୁ ପଠାଯାଉଛି, ଚାଷ ପାଇଁ ଭୂତଳ ଜଳକୁ ପମ୍ପ କରାଯାଉଛି ଏବଂ ନଦୀ କୂଳରେ ଶିଳ୍ପଗୁଡ଼ିକ ବୃଦ୍ଧି ପାଇଛି । ଏକ ହଜାରରୁ ଅଧିକ ଡ୍ୟାମ୍ ଓ ବ୍ୟାରେଜ୍ ନଦୀକୁ ମୂଳତଃ ବଦଳାଇ ଦେଇଛି । ପୃଥିବୀ ଉତ୍ତପ୍ତ ହେବା ସହିତ ଗଙ୍ଗାକୁ ପାଣି ଯୋଗାଉଥିବା ମୌସୁମୀ ଦିନକୁ ଦିନ ଅନିୟମିତ ହେବାରେ ଲାଗିଛି । ଫଳାଫଳ ହେଉଛି ଏକ ନଦୀ ପ୍ରଣାଳୀ ନିଜକୁ ଜଳ ଦ୍ୱାରା ପୂରଣ କରିବାରେ ଅସମର୍ଥ ଗଙ୍ଗା ଏକ ନଦୀଠାରୁ ଅଧିକ । ଏହା ଏକ ଜୀବନରେଖା, ଏକ ପବିତ୍ର ପ୍ରତୀକ ଏବଂ ଦକ୍ଷିଣ ଏସୀୟ ସଭ୍ୟତାର ଏକ ଆଧାରଶିଳା । କିନ୍ତୁ ଏହା ପୂର୍ବାପେକ୍ଷା ଦ୍ରୁତ ଗତିରେ ଶୁଖିବାରେ ଲାଗିଛି । ଚେତାବନୀ ଦେବାର ସମୟ ଅତିବାହିତ ହୋଇଛି । ଗଙ୍ଗା ପ୍ରବାହ ଜାରି ରଖିବା ପାଇଁ ଆମକୁ ବର୍ତ୍ତମାନ କାର୍ଯ୍ୟ କରିବାକୁ ପଡିବ - କେବଳ ଆମ ପାଇଁ ନୁହେଁ, ବରଂ ଭବିଷ୍ୟତ ପିଢି ପାଇଁ ବୋଲି ଗବେଷକମାନେ କହିଛନ୍ତି ।

## ନିଜ କ୍ଷତିକୁ ବିଜୟ ବୋଲି କହୁଛନ୍ତି ଶେହବାଜ୍

**ୱାଶିଂଟନ,୨୮।୯:** ଜାତିସଂଘ ସାଧାରଣ ପରିଷଦରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଦେଇଥିବା ଭାଷଣର କଡ଼ା ଜବାବ ଦେଇଛି ଭାରତ । ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟଲ ଗେହଲଟ୍ ତାଙ୍କ 'ରାଇଟ୍ ଟୁ ରିପ୍ଲାଏ' ଅଧିକାର ବ୍ୟବହାର କରି ଆତଙ୍କବାଦକୁ ନେଇ ପାକିସ୍ତାନ ଉପରେ ଆକ୍ରମଣ କରିଛନ୍ତି । ପେଟଲ ଗେହଲଟ୍ କହିଛନ୍ତି ଯେ, ଆଜି ସକାଳେ ଏହି ସଭାରେ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବାକୁ ମିଳିଥିଲା, ଯେଉଁଥିରେ ସେ ପୁଣି ଥରେ ଆତଙ୍କବାଦର ଗୁଣଗାନ କରିଥିଲେ, ଯାହା ତାଙ୍କ ବୈଦେଶିକ ନୀତିର ଏକ ପ୍ରମୁଖ ଅଂଶ। ୨୫ ଏପ୍ରିଲ, ୨୦୨୫ରେ ଜାତିସଂଘ ସୁରକ୍ଷା ପରିଷଦରେ, ପାକିସ୍ତାନ ଜମ୍ମୁ ଏବଂ କଶ୍ମୀରରେ ପର୍ଯ୍ୟଟକଙ୍କ ହତ୍ୟା ପାଇଁ ଦାୟୀ ପାକିସ୍ତାନ-ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ 'ରେଜିଷ୍ଟେନ୍ସ ଫ୍ରଣ୍ଟ'ର ପକ୍ଷ ନେଇଥିଲା । ଏ ସେହି ପାକିସ୍ତାନ ଯିଏ ବର୍ଷ ବର୍ଷ ଧରି ଓସାମା ବିନ୍ ଲାଡେନଙ୍କୁ ଲୁଚାଇ ରଖିଥିଲା ଏବଂ ଆତଙ୍କବାଦ ବିରୋଧରେ ଲଢ଼ିବାର ଅଭିନୟ କରୁଥିଲା । ସେମାନଙ୍କର ମନ୍ତ୍ରୀମାନେ ନିଜେ ସ୍ୱୀକାର କରିଛନ୍ତି ଯେ, ପାକିସ୍ତାନ ଦଶନ୍ଧି ଧରି ଆତଙ୍କବାଦୀ ଶିବିର ଚଲାଇ ଆସୁଛି। ଭାରତୀୟ କୂଟନୀତିଜ୍ଞ ପାକିସ୍ତାନର ମିଥ୍ୟା ଦାବି ପାଇଁ ମଧ୍ୟ ସମାଲୋଚନା କରିଥିଲେ । ସେ କହିଥିଲେ ଯେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ନିଜ ବିଜୟ ବିଷୟରେ କହୁଛନ୍ତି । ଭାରତର ଆକ୍ରମଣରେ ନଷ୍ଟ ହୋଇଥିବା ବାୟୁସେନା ଘାଟି, ପୋଡ଼ି ଯାଇଥିବା ହ୍ୟାଙ୍ଗର ଏବଂ ଭଙ୍ଗା ରନୱେର ଫଟୋ ଦେଖିଲେ ତାଙ୍କ ବିଜୟ ବିଷୟରେ ଜଣାପଡୁଛି । ଯଦି ପାକିସ୍ତାନ ଏସବୁ କ୍ଷତିକୁ ନିଜ ବିଜୟ ବୋଲି ବିଚାର କରୁଛି, ତେବେ ତାଙ୍କୁ ଭାବିବାକୁ ଦିଅ । ଭାରତରେ ନିରୀହ ନାଗରିକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନ ଦାୟୀ ଏବଂ ଭାରତ ସର୍ବଦା ଏହାର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶୋଧମୂଳକ ପଦକ୍ଷେପ ନେବ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମସ୍ତ ପ୍ରସଙ୍ଗ କେବଳ ଦ୍ୱିପାକ୍ଷିକ ଭାବରେ ସମାଧାନ ହେବ ଏବଂ ଏଥିରେ କୌଣସି ତୃତୀୟ ପକ୍ଷର କୌଣସି ଭୂମିକା ରହିବ ନାହିଁ ।

## ମୌଲାନା ତକିର ଗିରଫ

**ନୂଆଦିଲ୍ଲୀ,୨୮।୯:** ଉତ୍ତରପ୍ରଦେଶର ବରେଲିରେ ଶୁକ୍ରବାର ହୋଇଥିବା ଦଙ୍ଗା ପରେ ପୁଲିସ ଏବେ ଆକ୍ସନ ମୋଡରେ । ଏହି ଘଟଣା ପରେ ପୁଲିସ ଦଙ୍ଗାର ମାଷ୍ଟରମାଇଣ୍ଡ ମୌଲାନା ତୌକିର ରଜାଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି । ଏହା ସହ ୨୪ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଛି ଏବଂ ୨ହଜାର ଅଜ୍ଞାତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଦଙ୍ଗା ପରେ ବରେଲିର ପାଞ୍ଚଟି ଭିନ୍ନ ଭିନ୍ନ ଥାନାରେ ୧୧ଟି ଏଫଆଇଆର ରୁଜୁ ହୋଇଛି । ଚାରୋଟି ଅଞ୍ଚଳର ସିସିଟିଭି ଫୁଟେଜ୍ ମଧ୍ୟ ସ୍କାନ କରାଯାଉଛି । ସୂଚନା ମିଳିଛି ଯେ, ଦଙ୍ଗାରେ ୧୭ଜଣ ପୁଲିସ କର୍ମଚାରୀ ଏବଂ ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପୁଲିସ ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି । ଏହି ଫୁଟେଜ୍ ଆଧାରରେ, ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଉଛି। ପୁଲିସର



ସୂଚନା ମୁତାବକ, ସହରର ତିନି କିମ୍ବା ୪ଟି ସ୍ଥାନରେ ଏକକାଳୀନ ଦଙ୍ଗା ହୋଇଥିଲା। ଦଙ୍ଗାକାରୀମାନେ ଗୁଳିଚାଳନା କରିବା ସହ ପଥର ଫିଙ୍ଗିଥିଲେ । ପୁଲିସ ଏବେ ଏପରି ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। କିଛି ସମୟ ପୂର୍ବରୁ ଲକ୍ଷ୍ନୌରେ ବିକଶିତ ଉତ୍ତରପ୍ରଦେଶ ଭିଜନ ୨୦୪୭ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ, ଗତକାଲି ବରେଲିର ଜଣେ ମୌଲାନା ଭୁଲିଗଲେ ଯେ, ରାଜ୍ୟରେ କିଏ କ୍ଷମତାରେ ଅଛିୟ ସେ ଭାବିଥିଲେ ଯେ, ସେ ଯେତେବେଳେ ଚାହିଁବେ ଆଇନ ଶୃଙ୍ଖଳାକୁ ଭଙ୍ଗ କରିପାରିବେ। କିନ୍ତୁ ଆମେ ସ୍ପଷ୍ଟ କରିଦେଇଛୁ ଯେ, କୌଣସି ଅବରୋଧ କିମ୍ବା କର୍ଫ୍ୟୁ ରାଜ୍ୟରେ ଲାଗିବ ନାହିଁ । ଆମେ ଯେଉଁ ଶିକ୍ଷା ଦେଇଛୁ ତାହା ଭବିଷ୍ୟତ ପିଢ଼ିଙ୍କୁ ଦଙ୍ଗା କରିବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ବାଧ୍ୟ କରିବ। ଏହି ସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଉତ୍ତରପ୍ରଦେଶର ପୂର୍ବ ସରକାରଙ୍କ ମଧ୍ୟ ଟାର୍ଗେଟ କରିଥିଲେ । ସେ କହିଥିଲେ ଯେ, ପୂର୍ବରୁ ଦଙ୍ଗାକାରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ନିମନ୍ତ୍ରଣ କରାଯାଉଥିଲା ଏବଂ ସମ୍ମାନିତ କରାଯାଉଥିଲା । ଦଙ୍ଗାକାରୀମାନଙ୍କୁ ଆତିଥ୍ୟ ଦିଆଯାଉଥିଲା ଏବଂ କ୍ଷମତାରେ ଥିବା ଲୋକମାନେ ବୃତ୍ତିଗତ ଅପରାଧୀ ଏବଂ ମାଫିଆମାନଙ୍କୁ ସଲାମ କରୁଥିଲେ । କ୍ଷମତାରେ ଥିବା ଲୋକମାନେ ଅପରାଧୀଙ୍କ କୁକୁର ସହିତ ହାତ ମିଳାଉଥିଲେ । ଆପଣ ନିଶ୍ଚୟ ଅନେକ ଦୃଶ୍ୟ ଦେଖିଥିବେ ଯେଉଁଠି ଜଣେ ରାଷ୍ଟ୍ରମୁଖ୍ୟ ଏକ ମାଫିଆ କୁକୁର ସହିତ ହାତ ମିଳାଇ ଗର୍ବ ଅନୁଭବ କରୁଥିବେ ।



# ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଦ ସାଇଲେଣ୍ଟ ଏପିଡେମିକ ଡକ୍ୟୁମେଣ୍ଟାରୀ ସମ୍ମାନିତ

ଭୁବନେଶ୍ୱର,୨୮।୯ (ନି.ପ୍ର) : ରାହାଗିରି ଫାଉଣ୍ଡେଶନ ଦ୍ୱାରା ସହ-ପ୍ରଯୋଜିତ ଡକ୍ୟୁମେଂଟାରୀ ଦ ସାଇଲେଂଟ ଏପିଡେମିକ୍‌କୁ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଯାହାକି ସାମାଜିକ ଓ ପରିବେଶୀୟ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ବେଷ୍ଟ ନନ୍-ଫିଚର ଫିଲ୍ମ ଭାବେ ପ୍ରଦାନ କରାଯାଇଛି । ରାହାଗିରି ଫାଉଣ୍ଡେଶନ ଓ ସିନେମା୪ଗୁଡ୍ ଦ୍ୱାରା ମିଳିତ ଭାବେ ନିର୍ମାଣ କରାଯାଇଥିବା ଏହି ଫିଲ୍ମକୁ ଅକ୍ଷତ ଗୁପ୍ତା ନିର୍ଦ୍ଦେଶନା ଦେଇଥିବା ବେଳେ ସାମାଜିକ ଉଦ୍ୟୋଗୀ ସାରିକା ପଣ୍ଡା ଭଟ୍ଟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର ଏହାର ପ୍ରଯୋଜକ ଅଟନ୍ତି। ସେହିପରି ହିଲିଙ୍ଗ ହାପିନେସ୍ ଫାଉଣ୍ଡେଶନ ସହ ସହଭାଗିତାରେ ଆକାଶ ବାସୁ ଏହାର କ୍ରିଏଟିଭ ପ୍ରଡକ୍ସନ ଦାୟିତ୍ୱରେ ଥିଲେ। ଦ ସାଇଲେଂଟ ଏପିଡେମିକ୍ ଭାରତରେ ସଡକ ଦୁର୍ଘଟଣାର ବିନାଶକାରୀ, ତଥାପି ପ୍ରାୟତଃ



ଅଣଦେଖା କରାଯାଉଥିବା ପ୍ରଭାବ ଉପରେ ଆଲୋକପାତ କରିଛି। ଏଥିରେ ପାରାଅଲିମ୍ପିକ ଗୋଲ୍ଡ ମେଡାଲିଷ୍ଟ ସୁମିତ ଅନିଲ ଏବଂ ଏକ ହିଟଆଣ୍ଡରନ କେସରେ ନିଜ ଛୋଟ ପୁଅକୁ ହରାଇଥିବା ଏକ ଶୋକସନ୍ତପ୍ତ ପରିବାରର ଦୁଃଖଦ କାହାଣୀ ସାମିଲ ରହିଛି। ଏହି ସ୍ୱୀକୃତି ସମ୍ପର୍କରେ ନାଗାରୋର ନିର୍ଦ୍ଦେଶକ ଏବଂ ରାହାଗିରି ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଟ୍ରଷ୍ଟି ସାରିକା ପଣ୍ଡା କହିଛନ୍ତି, "ସଡକ ଦୁର୍ଘଟଣାଗୁଡିକ କେବଳ ପରିସଂଖ୍ୟା ନୁହେଁ ଏହା ହାରି ଯାଇଥିବା ଜୀବନ ଓ ହଜି ଯାଇଥିବା ସ୍ୱପ୍ନର କାହାଣୀ ଅଟେ। ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ମିଳିଥିବା ଏହି ସ୍ୱୀକୃତି ସୁରକ୍ଷିତ ଓ ଅଧିକ ସମାବେଶୀ ସହର ପାଇଁ ସ୍ୱର ଉଠାଇବା ଜାରି ରଖିବା ଲାଗି ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛି।" ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା ପରେ ଜିତେନ୍ଦ୍ର ମିଶ୍ର କହିଛନ୍ତି, "ସିନେମାରେ ଦୃଷ୍ଟିକୋଣକୁ ବଦଳାଇବା ଓ ପରିବର୍ତ୍ତନକୁ ଅନୁପ୍ରାଣିତ କରିବାର ଶକ୍ତି ରହିଛି। ଦ ସାଇଲେଂଟ ଏପିଡେମିକ ସହିତ ଆମେ ହେଡଲାଇନ ଓ ସଂଖ୍ୟା ବାହାରର କାହାଣୀଗୁଡିକୁ ଲୋକଲୋଚନକୁ ଆଣିବାକୁ ଚାହୁଁଥିଲୁ। ଏହି ପୁରସ୍କାର କେବଳ ଫିଲ୍ମର ବିଜୟ ନୁହେଁ ବରଂ ସମାଜର କଲ୍ୟାଣ ପାଇଁ ପଦକ୍ଷେପ ନେବା ଲାଗି ଏକ ଆହ୍ୱାନ ଅଟେ।"

# ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍ ଏବଂ ଏନ୍‌ଜିଆଇଏସ୍ ଷ୍ଟାର୍ଟଅପ୍ ପ୍ରମୋସନ ସଂକଳ୍ପ ପାଇଁ ଏସ୍‌ଟିପିଆଇ ପକ୍ଷରୁ ପ୍ରାକ୍-ସମ୍ମିଟ ସଚେତନତା ଅଧିବେଶନ

ଭୁବନେଶ୍ୱର,୨୮।୯ (ନି.ପ୍ର) : ଜାତୀୟ ଗୁରୁତ୍ୱ ରଖୁଥିବା ଏକ ସମ୍ମାନଜନକ କାର୍ଯ୍ୟକ୍ରମ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍ ୨୦୨୬ ଏବଂ ସଂକଳ୍ପ (ଷ୍ଟାର୍ଟଅପ୍ ଆଡ୍‌ଭାନ୍ସମେଣ୍ଟ ଫର୍ ନେକ୍ସଟ-ଜେନ୍, ନଲେଜ, ଆଗାଇଲ ଲିଡରସିପ୍ ଆଣ୍ଡ ପ୍ରୋଗ୍ରେସ) ନିମନ୍ତେ ଅଗ୍ରଣୀ ନେକ୍ସଟ୍ ଜେନେରେସନ ଇନ୍‌କ୍ୟୁବେସନ ସ୍କିମ୍ (ଏନ୍‌ଜିଆଇଏସ୍) ଅଧୀନରେ ସଫ୍ଟୱେର ଟେକ୍‌ନୋଲୋଜି ପାର୍କସ୍ ଅଫ ଇଣ୍ଡିଆ (ଏସ୍‌ଟିପିଆଇ)- ଭୁବନେଶ୍ୱର ସଫଳତାର ସହିତ ପ୍ରାକ୍-ସମ୍ମିଟ୍ ସଚେତନତା ଅଭିଯାନ ଆୟୋଜନ କରିଥିଲା।



ଏହି କାର୍ଯ୍ୟକ୍ରମରେ ବିପିୟୁଟିର ସମ୍ମାନନୀୟ କୁଳପତି ପ୍ରଫେସର ଅମିୟ କୁମାର ରଥ, ସିଏସଆଇଆର-ଆଇଏମ୍ଏମ୍‌ଟି ଭୁବନେଶ୍ୱର ଡାଇରେକ୍ଟର ଡ. ରାମାନୁଜ ନାରାୟଣ, ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ଶ୍ରୀମତୀ ରଶ୍ମିତା ପଣ୍ଡା; ଭୁବନେଶ୍ୱର ଆଞ୍ଜେଲସ୍ ଚେୟାରମ୍ୟାନ ଶ୍ରୀ ଦେବୁ ପଟ୍ଟନାୟକ ଏବଂ ଏସ୍‌ଟିପିଆଇ-ଭୁବନେଶ୍ୱର ଡାଇରେକ୍ଟର ଶ୍ରୀ ସୂର୍ଯ୍ୟ କୁମାର ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ସେମାନଙ୍କର ଉପସ୍ଥିତି ଏହି ଅଞ୍ଚଳର ଷ୍ଟାର୍ଟଅପ୍ ପରିବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ନବସୃଜନ-ନେତୃତ୍ୱରେ ଔଦ୍ୟୋଗିକତାକୁ ଆଗେଇନେବା ନିମନ୍ତେ ସାମୂହିକ ପ୍ରୟାସର ଗୁରୁତ୍ୱକୁ ଦର୍ଶାଇଥିଲା।

୧୦ଟି ଇନ୍‌କ୍ୟୁବେଟରରେ ପ୍ରଯୁକ୍ତି ଷ୍ଟାର୍ଟଅପ୍‌ଗୁଡିକରୁ ୧୫୦ରୁ ଅଧିକ ପ୍ରତିଷ୍ଠାତା ଏବଂ ସହ-ପ୍ରତିଷ୍ଠାତାଙ୍କ ଅଂଶଗ୍ରହଣ ସହିତ 'ସଂକଳ୍ପ' ଏକ ଚଳଚଞ୍ଚଳ ପ୍ଲାଟଫର୍ମରେ ପରିଣତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭେଞ୍ଚର କ୍ୟାପିଟାଲିଷ୍ଟ ଏବଂ ମାର୍ଗଦର୍ଶକମାନଙ୍କ ଦ୍ୱାରା ମାଷ୍ଟରକ୍ଲାସ୍ ଅଧିବେଶନ, ପରିମାଣାତ୍ମକ ଦୃଷ୍ଟିରୁ ବୃଦ୍ଧି ଘଟାଇବା ଏବଂ ପାଣ୍ଠି ସଂଗ୍ରହ ଉପରେ ବାସ୍ତବ ମାର୍ଗଦର୍ଶନ, ନିବେଶକଙ୍କ ସମ୍ମୁଖରେ ଷ୍ଟାର୍ଟଅପ୍‌ଗୁଡିକ ଉପସ୍ଥାପନ ଏବଂ ଶିଳ୍ପ କ୍ଷେତ୍ରରେ ବ୍ୟାପକ ମତ ବିନିମୟ ଆଦି କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା। ଏହି ସମସ୍ତ ନିୟୋଜନତା ମୂଲ୍ୟବାନ ପାଣ୍ଠି ଯୋଗାଡ ସୁଯୋଗ ସୃଷ୍ଟି କରିବା ସହିତ ଦୀର୍ଘସୂତ୍ରୀ ସହଯୋଗୀତା ନିମନ୍ତେ ଦ୍ୱାର ଉନ୍ମୁକ୍ତ କରିଥିଲା, ଯାହା ନବସୃଜନ, ଉଦ୍ୟୋଗିକତା ଏବଂ ସମାବେଶୀ ଅଭିବୃଦ୍ଧିକୁ ଆଗକୁ ବଢାଇବା ନିମନ୍ତେ ଏସ୍‌ଟିପିଆଇର ଲକ୍ଷ୍ୟକୁ ପୁନଃସୁଦୃଢ କରିଥିଲା। ଏହି ପ୍ରୟାସ ସହିତ ସମାନ ସମୟରେ ଏସ୍‌ଟିପିଆଇ-ଭୁବନେଶ୍ୱର ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍ ୨୦୨୬ ନିମନ୍ତେ ପ୍ରାକ୍-ସମ୍ମିଟ୍ ସଚେତନତା ଅଧିବେଶନ ଆୟୋଜନ କରିବା ସହିତ ରାଷ୍ଟ୍ରର ଅନ୍ୟତମ ସର୍ବାଧିକ ପ୍ରତୀକ୍ଷିତ ବୈଶ୍ୱିକସ୍ତରର ଏଆଇ ସମାବେଶ ନିମନ୍ତେ ମଞ୍ଚ ପ୍ରସ୍ତୁତ କରିଥିଲା। ଏଥିରେ ଆଲୋଚନାଗୁଡିକ ଜନସାଧାରଣ, ପୃଥିବୀ ଏବଂ ପ୍ରଗତି ନିମନ୍ତେ ଏଆଇକୁ ଏକ ରୂପାନ୍ତରଣକାରୀ ଶକ୍ତି ଭାବରେ ବିବେଚନା କରିବା ଉପରେ ଦୃଷ୍ଟିନିବଦ୍ଧ କରିଥିଲା। ବାଟୋଇ ସିଷ୍ଟମସ୍, ୟୁନାଇଟେଡ ଫସ୍‌ଫେଟସ୍ ଲିମିଟେଡ, ହିଣ୍ଡାଲ୍‌କୋ, ଭିଏସଏସ୍ ଗ୍ରୀନସିଟି ଏବଂ ୟୋକଟୋଟ୍ଟା ଆଦିରୁ ପ୍ରମୁଖ ନେତୃତ୍ୱଗଣଙ୍କୁ ନେଇ ଏକ ପ୍ରଭାବଶାଳୀ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା, ଯେଉଁମାନେ ଓଡ଼ିଶାରେ ଏଆଇ-ପରିଚାଳିତ ନବସୃଜନର ବିପୁଳ ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଓଡ଼ିଶା ତାହାର ପ୍ରଗତିଶୀଳ ଷ୍ଟାର୍ଟଅପ୍ ପରିବ୍ୟବସ୍ଥା ଏବଂ ନବସୃଜନ ହବ୍‌ଗୁଡିକ ଦ୍ୱାରା ପରିଚାଳିତ ହୋଇ ସ୍ମାର୍ଟ ଶିଳ୍ପ ଓ ସ୍ମାର୍ଟ ସହରଗୁଡିକ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥଳ ଭାବରେ ଉଭା ହେବା ନିମନ୍ତେ ରାଜ୍ୟର ପ୍ରସ୍ତୁତି ଉପରେ ଏହି ମଣ୍ଡଳୀ ଜୋର୍ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶାର ଔଦ୍ୟୋଗିକ ରଜ୍ଜୁକୁ ସୁଦୃଢ କରିବା ସହିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍ ୨୦୨୬ ଦିଗରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା, ଯାହା ବୈଶ୍ୱିକ ନବସୃଜନ ମାନଚିତ୍ରରେ ରାଜ୍ୟର ବର୍ଦ୍ଧିତ ଗୁରୁତ୍ୱକୁ ପୁନଃମଜଭୁତ କରିଥିଲା।

# ସାମସଙ୍ଗ ଗାଲାକ୍ସି ଏ୫୬ ୫ଜି ଏବଂ ଏ୩୬ ୫ଜି ନୂତନ ରଙ୍ଗରେ ପ୍ରଦାନ କରିବା ସହିତ ସମସ୍ତ ଗାଲାକ୍ସି ଏ ଶୃଙ୍ଖଳ ମଧ୍ୟରେ ପର୍ବାଣୀ ଋତୁର ରିହାତି ଘୋଷଣା କରିଛି

ଭୁବନେଶ୍ୱର,୨୮।୯ (ନି.ପ୍ର) : ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଘୋଷଣା କରିଛି ଯେ ଏହା କିଛି ଯୁବ ସୁଲଭ ରଙ୍ଗକୁ ଏହାର ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜିରେ ଯୋଗ କରିଛି, ଯାହାକି ଗ୍ରାହକମାନେ ନୂତନ ଦୃଶ୍ୟମାନତା ସହିତ ଏହି ଆକର୍ଷଣୀୟ ସ୍ମାର୍ଟଫୋନର କ୍ରୟ ଚଳିତ ପର୍ବାଣୀ ଋତୁରେ କରିପାରିବେ। ଗାଲାକ୍ସି ଏ୫୬ ୫ଜି ବର୍ତ୍ତମାନ ଆକର୍ଷଣୀୟ ଗୋଲାପି ରଙ୍ଗରେ ତଥା ଗାଲାକ୍ସି ଏ୩୬ ୫ଜି ଆକର୍ଷଣୀୟ ଲାଇନ ରଙ୍ଗରେ ଉପଲବ୍ଧ ହେଉଅଛି ଯାହାକି ଗ୍ରାହକ ମାନଙ୍କୁ ଏହା ଅଧିକ ପସନ୍ଦ ରହିବ।

ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜି ସହିତ ସାମସଙ୍ଗର ମୂଳ ଲକ୍ଷ୍ୟ ଏହାର ସବୁଠାରୁ ଅଧିକ ପ୍ରିୟ ଏଆଇ ନବୀନତମକୁ ଫ୍ଲାଗସିପ ସାମଗ୍ରୀ ମଧ୍ୟରେ ଲୋକପ୍ରିୟ କରିବା। ଏକ ସୀମିତ ଅବଧି ପାଇଁ ଗ୍ରାହକ ମାନେ ଯଥାକ୍ରମେ ଜିରୋ ଡ଼ାଉନ ପେମେଂଟ, ଜିରୋ ସୁଧହାର ତଥା ଜିରୋ ବିନା ବାଧାର ମଜ୍ଜା ରହିଥିବା ଏହାର ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜିର ସ୍ମାର୍ଟଫୋନରେ ପାଇବା ସହିତଏହି ୫ଜିର ଅଭିଜ୍ଞତାକୁ ପୂର୍ବଠାରୁ ଅଧିକ ଗ୍ରହଣ କରିପାରିବେ।




ଗାଲାକ୍ସିଏ୫୬ ୫ଜି ବର୍ତ୍ତମାନ ଆକର୍ଷଣୀୟ ଅଲିଭ, ହାଲୁକା ଗ୍ରେ ଏବଂ ଗ୍ରାଫାଇଟରେ ଉପଲବ୍ଧ ହେଉଥିବା ବେଳେ ଗାଲାକ୍ସି ଏ୩୬ ୫ଜି ସମସ୍ତଙ୍କୁ ଚକିତ କଲାଭଳି ଲାଭେଣ୍ଡର, ବ୍ଲାକ ଏବଂ ହ୍ୱାଇଟ ରଙ୍ଗରେ ଉପଲବ୍ଧ ହେଉଅଛି। ଗାଲାକ୍ସି ଏ୫୬ ୫ଜିର ଫ୍ରେମ ମେଂଟାଲ ସ୍ୱଷ୍ଟରେ ଆସିଥିବା ବେଳେ ଏହା ଅତ୍ୟନ୍ତ ଷ୍ଟାଇଲିଷ୍ଟ ଏବଂ ଦୃଢ଼ ରହିଛି ତଥା ଏଥିସହିତ ଏଥିରେ ରହିଛି କର୍ଣ୍ଣିଙ୍ଗ ଗୋରିଲା ଗ୍ଲାସ ଭିକଟସ ଯୁକ୍ତର ସୁରକ୍ଷାକାରୀତା ଯାହାକି ଏହାକୁ ଏକ ସବୁଠାରୁ ଅଧିକ ଏହି ସେଗମେଂଟରେ ଦୀର୍ଘସ୍ଥାୟୀ ସ୍ମାର୍ଟଫୋନ ଭାବରେ ପ୍ରସ୍ତୁତ କରିପାରିଛି। ଏଥିରେ କ୍ୟାମେରା ବ୍ୟବସ୍ଥିତତା ସହିତ ବିଗ୍ ପିକସେଲ ସେନସର ସହିତ ଏହା ଆସିଅଛି ଯାହାକି ବ୍ୟବହାରକାରୀ ମାନଙ୍କୁ ଉଜ୍ଜ୍ୱଳତମ ଫଟୋ ଉତୋଳନ ସହିତ କୌଣସି କୋଳାହଳ ଏବଂ ଦାଗ ବିହିନ ଭିଡ଼ିଓ ଉତୋଳନ ପାଇଁ ଏହା ଅନୁମତି ଦେଇଥାଏ। ଉଭୟ ସ୍ମାର୍ଟଫୋନ ୫୦ଏମପି ଓଆଇଏସ ମୁଖ୍ୟ ସହିତ ଆସିଥିବା ବେଳେ ଏଥିରେ ରହିଛି ୧୨ଏମପି ଅଲଟ୍ରା ୱାଇଡ଼୍, ୫ଏମପି ମାକ୍ରୋ ଏବଂ ୧୨ଏମପିର ସମ୍ମୁଖ ଭାଗ କ୍ୟାମେରା ଯାହାକି ବିଭିନ୍ନ ଆଲୋକ ପରିସ୍ଥିତିକୁ ନେଇ ସ୍ୱଚ୍ଛ ଏବଂ ସ୍ଥିର ଉତୋଳନ ପ୍ରଦାନ କରିଥାଏ। ୪ଏନଏମ ଆଧାରିତ ଏକ୍ସିନସ ୧୫୮୦ ପ୍ରୋସେସର ଦ୍ୱାରା କ୍ଷମତାଶାଳୀ ଏହି ଗାଲାକ୍ସି ଏ୫୬ ୫ଜି ଉନ୍ନତ ମାନର ଶୀତଳତା ସହିତ ୧୨ଜିବି ରାମ ଏବଂ ୨୫୬ଜିବିର ଷ୍ଟୋରେଜ ସହିତ ଏହା ଅତି ଆରାମଦାୟକ ବିବିଧ କାର୍ଯ୍ୟକାରୀତା ସଙ୍ଗେ ସଙ୍ଗେ ଷ୍ଟ୍ରିମିଙ୍ଗ ଏବଂ ଗେମିଙ୍ଗର ଏଥିରେ ସୁବିଧା ରହିଛି। ଏକ ବଡ ୬.୭" ସମ୍ପୂର୍ଣ୍ଣ ଏଫଏଚଡ଼ି ଯୁକ୍ତ ସୁପର ଆମୋଲେଡ଼ ଯୁକ୍ତ ଡ଼ିସପ୍ଲେ ସହିତ ୧୨୦୦ ନିଟ୍‌ସ ଦୃଶ୍ୟମାନ ବୁଷ୍ଟର ଜ୍ଞାନକୌଶଳ ଯାହାକି ବ୍ୟବହାରକାରୀ ମାନଙ୍କୁ ସେମାନଙ୍କର ପସନ୍ଦଯୋଗ୍ୟ ବିଷୟବସ୍ତୁକୁ ଉଜ୍ଜ୍ୱଳତମ ସୂର୍ଯ୍ୟାଲୋକରେ ମଧ୍ୟ ଦେଖିବା ପାଇଁ ସୁନିଶ୍ଚିତ କରିଥାଏ।

# ବେଦାନ୍ତ ଆଲୁମିନିୟମର ଇଞ୍ଜିନିୟରମାନେ କିପରି ନବସୃଜନ ଏବଂ ଉତ୍ପାଦନ ଉତ୍କର୍ଷତାକୁ ଶକ୍ତି ଦେଉଛନ୍ତି

ଭୁବନେଶ୍ୱର,୨୮।୯ (ନି.ପ୍ର) : ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ କରୁଥିବା ସ୍ମେଲଟର, ରିଫାଇନାରୀ ଏବଂ ରୋଲିଂ ମିଲ୍ ପଛରେ ୨,୦୦୦ ଇଞ୍ଜିନିୟରଙ୍କ କର୍ମଚାରୀ ଅଛନ୍ତି। ଓଡ଼ିଶାର ଝାରସୁଗୁଡା ଏବଂ ଲାଞ୍ଜିଗଡ଼ ଏବଂ ଛତିଶଗଡ଼ର କୋର୍ବାରେ ବିସ୍ତାରିତ, ଏହି ବିବିଧ ପ୍ରତିଭାର ପୁଲ ମେସିନଗୁଡ଼ିକୁ ଚାଲୁ ରଖିବା ଅପେକ୍ଷା ବହୁତ ଅଧିକ କାର୍ଯ୍ୟ କରୁଛି। ସେମାନେ ସମସ୍ୟା ସମାଧାନକାରୀ, ଉଦ୍ଭାବକ ଏବଂ ପରିବର୍ତ୍ତନକାରି, ଭାରତର ଶିଳ୍ପ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ଏବଂ ବିଶ୍ୱ ପ୍ରତିଯୋଗିତା ପାଇଁ ଆଲୁମିନିୟମକୁ ଏକ ରଣନୈତିକ ଲିଭରରେ ପରିଣତ କରୁଛନ୍ତି। ବେଦାନ୍ତ ଆଲୁମିନିୟମର ଇଞ୍ଜିନିୟରିଂ ଶକ୍ତିକୁ ଅନନ୍ୟ କରିଥାଏ ଏହାର ଯୁବପିଢ଼ି। ମାତ୍ର ୨୯-୩୦ ବର୍ଷ ହାରାହାରି ବୟସ ସହିତ, କମ୍ପାନୀର ଇଞ୍ଜିନିୟରମାନେ ବୈଷୟିକ ଗଭୀରତା ଏବଂ ପରୀକ୍ଷଣ ପାଇଁ ଏକ ସାହସିକ ଆଗ୍ରହ ଆଣିଥାନ୍ତି। ସେମାନଙ୍କର କାର୍ଯ୍ୟ ଡିଜିଟାଲ୍ ଟ୍ୱିନ୍ ମଡେଲ୍ ନିୟୋଜିତ କରିବା ଠାରୁ ଆରମ୍ଭ କରି ସ୍ମେଲ୍ଟର କାର୍ଯ୍ୟଦକ୍ଷତାକୁ ଅପ୍ଟିମାଇଜ୍ କରିବା, ଅପବ୍ୟବହାରକୁ ଏକ ସମ୍ବଳ ଭାବରେ ପୁନଃକଳ୍ପନା କରିବା ପର୍ଯ୍ୟନ୍ତ - ଉଦାହରଣ ସ୍ୱରୂପ, ଶିଳ୍ପ ଉପ-ଉତ୍ପାଦକୁ ଉଚ୍ଚ-ଶୁଦ୍ଧତା ବ୍ୟାଟେରୀ-ଗ୍ରେଡ୍ ଗ୍ରାଫାଇଟରେ ରୂପାନ୍ତର କରିବା ପର୍ଯ୍ୟନ୍ତ।

ଏହି କୌତୁହଳର ସଂସ୍କୃତିକୁ



ବେଦାନ୍ତ ଝାରସୁଗୁଡାର ମେଟାଲର ସିଇଓ ଜଙ୍କେଶ୍ୱର ଦାଶଙ୍କ ଭଳି ନେତାମାନେ ପ୍ରତିପାଦିତ କରିଛନ୍ତି, ଯାହାଙ୍କ କ୍ୟାରିଅର୍ ବିଶ୍ୱର ସର୍ବବୃହତ ଏକକ-ସ୍ଥାନ ସ୍ମେଲ୍ଟରରେ ପ୍ରଥମ ୭୬ଟି ପାତ୍ରକୁ କମିଶନିଂ କରି ଆରମ୍ଭ ହୋଇଥିଲା। ତ୍ୟାସ୍ ପାଇଁ, ଇଞ୍ଜିନିୟରିଂ ଏକ ମାନସିକତା: ଯାହା ଅନୁକୂଳନ, ସ୍ଥିରତା ଏବଂ ଡିଜିଟାଲ୍ ବିଭ୍ରାଟକୁ ଭୟ କରିବା ପରିବର୍ତ୍ତେ ଗ୍ରହଣ କରିବାର ସାହସ ଦାବି କରେ। ତାଙ୍କର ଯାତ୍ରା ବେଦାନ୍ତରେ ଏକ ବ୍ୟାପକ ନୀତିକୁ ପ୍ରତିଫଳିତ କରେ - ଇଞ୍ଜିନିୟରମାନଙ୍କୁ ନିରନ୍ତର ଶିଖିବା, ପରୀକ୍ଷଣ କରିବା ଏବଂ ସ୍କେଲରେ ନବସୃଜନ ଚଳାଇବାକୁ ଉତ୍ସାହିତ କରାଯାଏ। ବେଦାନ୍ତ ଆଲୁମିନିୟମରେ ନବସୃଜନ କେବଳ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ସୀମିତ ନୁହେଁ, ଏହା ଅନ୍ତର୍ଭୁକ୍ତିକରଣ ପର୍ଯ୍ୟନ୍ତ ବିସ୍ତାରିତ। ଏକ ଐତିହାସିକ ପଦକ୍ଷେପରେ, କମ୍ପାନୀ ଝାରସୁଗୁଡାରେ ଏକ ସମ୍ପୂର୍ଣ୍ଣ ସ୍ମେଲ୍ଟର ଲାଇନକୁ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ କରିବା ପାଇଁ ପରିବର୍ତ୍ତନ କରିଛି, ଯାହା ଭାରତରେ ପ୍ରଥମ ଏପରି ପଦକ୍ଷେପ। ଏହା ବେଦାନ୍ତର ଆର୍ଥିକ ବର୍ଷ ୨୦୩୦ ସୁଦ୍ଧା ଏହାର କର୍ମଚାରୀମାନଙ୍କ ମଧ୍ୟରେ ୩୦% ମହିଳା ପ୍ରତିନିଧିତ୍ୱ ହାସଲ କରିବା ଲକ୍ଷ୍ୟର ଏକ ଅଂଶ। ନମ୍ରତା କୁମାରୀ ଏବଂ ସୌମ୍ୟା ପ୍ରିୟା ଭଳି ଇଞ୍ଜିନିୟରମାନେ ଏହି ପରିବର୍ତ୍ତନର ନେତୃତ୍ୱ ନେଉଛନ୍ତି। ଉଭୟ ମହିଳା ନେତୃତ୍ୱାଧୀନ ପଟଲାଇନର ଅଂଶ, ଯେଉଁଠାରେ ସେମାନେ ପାରମ୍ପାରିକ ଭାବରେ ପୁରୁଷ-ପ୍ରଧାନ ପରିବେଶରେ ସ୍ଥାନ ସୃଷ୍ଟି କରିବା ପାଇଁ ସନ୍ଦେହ, ଦୀର୍ଘ ପରିବର୍ତ୍ତନ ଏବଂ ବୈଷୟିକ ପ୍ରତିବନ୍ଧକଗୁଡ଼ିକୁ ପାର୍ କରିଛନ୍ତି।

ବେଦାନ୍ତ ଲାଞ୍ଜିଗଡ଼ର ଜଣେ ରାସାୟନିକ ଇଞ୍ଜିନିୟର ରଜନିଶ ଗୁପ୍ତା ଅଯୋଧାର ଏକ ଚାଷୀ ପରିବାରରେ ବଢ଼ିଥିଲେ। ସେ ଉଚ୍ଚଶିକ୍ଷା ହାସଲ କରିବା ପାଇଁ ବ୍ୟକ୍ତିଗତ କଷ୍ଟ ସହିତ ସଂଘର୍ଷ କରିଥିଲେ ଏବଂ ବର୍ତ୍ତମାନ ପ୍ଲାଂଟରେ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଉନ୍ନତି ଉପରେ କାର୍ଯ୍ୟ କରନ୍ତି। ଭାରତର ଆଲୁମିନିୟମ କ୍ଷେତ୍ର ଘାତକ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ, ୨୦୪୭ ସୁଦ୍ଧା ଚାହିଦା ପ୍ରାୟ ଛଅ ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ବେଦାନ୍ତ ଆଲୁମିନିୟମର ଭୂବିଜ୍ଞାନୀମାନେ, ବିଦିଶା ଦାସ ଏବଂ କୋଏଲ ଚାଟାର୍ଜୀଙ୍କ ପରି, ଏହାର ଜାମଖାଣି କୋଇଲା ଖଣିରେ, ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଭୂତାତ୍ତ୍ୱିକ ମଡେଲିଂ ଠାରୁ ଜୈବ ବିବିଧତା ପରିଚାଳନା ପର୍ଯ୍ୟନ୍ତ, ସେମାନେ ସ୍ଥାୟୀତ୍ୱ ପ୍ରତିବଦ୍ଧତା ସହିତ କାର୍ଯ୍ୟଗୁଡ଼ିକୁ ସମନ୍ୱିତ କରିବା ସହିତ କଂଚାମାଲ ସୁରକ୍ଷା ନିଶ୍ଚିତ କରନ୍ତି। ବେଦାନ୍ତ ଆଲୁମିନିୟମ ପାଇଁ, ଏହି ଦୃଷ୍ଟିକୋଣ ଆକାଂକ୍ଷା ଅପେକ୍ଷା ଅଧିକ, ଏହା ଏକ ପ୍ରତିବଦ୍ଧତା। ଆଲୁମିନିୟମରେ ବିଶ୍ୱ ନେତୃତ୍ୱ ପ୍ରତି ଏକ ପ୍ରତିବଦ୍ଧତା, ଏବଂ ଭାରତର ଶିଳ୍ପ ଆତ୍ମନିର୍ଭରଶୀଳତା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ଚଳାଇବା।

# ବଟରଫ୍ଲାଇ କାର୍ନିଭାଲ ୨୦୨୫ରେ ଯୁବବର୍ଗଙ୍କ ଉଚ୍ଚକୋଟୀର କଳା ପ୍ରଦର୍ଶନ

ଭୁବନେଶ୍ୱର,୨୮।୯ (ନି.ପ୍ର) : ତିତିଲି ହରାଇଜନ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଏହାର ବାର୍ଷିକ କାର୍ଯ୍ୟକ୍ରମ ସ୍ଥାନିୟ ଭଞ୍ଜକଳା ମଣ୍ଡପ ଠାରେ ଛୋଟ ଛୋଟ ପିଲା ମାନଙ୍କର ଉଚ୍ଚକୋଟୀର କଳା ପ୍ରଦର୍ଶନ ସହ ସମ୍ପନ୍ନ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପିଲା ଏବଂ ମହିଳାଙ୍କର ଏକ ଅବିସ୍ମରଣିୟ ଅଂଶ ଗ୍ରହଣ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା । ଯେଉଁମାନେ କଳା ଏବଂ କ୍ୱିଜରୁ ଆରମ୍ଭ କରି ଶାସ୍ତ୍ରୀୟ ନୃତ୍ୟ ଏବଂ ରାମ୍ପୱାକ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

ଏକାମ୍ର ଭୁବନେଶ୍ୱରର ମାନନୀୟ ବିଧାୟକ ଶ୍ରୀ ବାବୁ ସିଂହଙ୍କ ଉପସ୍ଥିତିରେ ଏହି କାର୍ନିଭାଲରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରତିଭାଗି ମାନେ କିଡ୍ସ, ସବ-ଜୁନିୟର, ଜୁନିୟର ଏବଂ ସିନିୟର୍ ଭଳି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରି ସେମାନଙ୍କ କଳା ପ୍ରଦର୍ଶନ ସହ ରୋମାଂଚକର ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ଚିତ୍ରାଙ୍କନ, ହସ୍ତାକ୍ଷର, କ୍ୱିଜ୍, ଓଡ଼ିଶୀ ନୃତ୍ୟ, ରାମ୍ପ ୱାକ୍ ଏବଂ ଆଧୁନିକ ନୃତ୍ୟ (ଏକକ, ଯୁଗଳ ଏବଂ ଗୋଷ୍ଠୀ) ଭଳି ଇଭେଂଟ ଗୁଡିକରେ



ଅଂଶଗ୍ରହଣକାରୀମାନେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ, ଯେଉଁଥିରେ ପ୍ରତ୍ୟେକ ବର୍ଗ ସ୍ୱତନ୍ତ୍ର ପ୍ରତିଭା ଏବଂ ସୃଜନଶୀଳକୁ ପ୍ରଦର୍ଶନ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଅତିଥି ଏବଂ ବିଚାରକମାନଙ୍କ ଏକ ବିଶିଷ୍ଟ ପ୍ୟାନେଲ୍ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ, ଯେଉଁଥିରେ ସତ୍ୟବ୍ରତ ସାନୁ ରଥ (ସମ୍ପାଦକ, ମାଇ ସିଟି ଲିଙ୍କ୍ସ), ସତ୍ୟବ୍ରତ ତ୍ରିପାଠୀ (ଅଭିନେତା) ଏବଂ ଓଡ଼ିଶୀ ଗୁରୁ ବିଜୟ ଦାସ, କୋରିଓଗ୍ରାଫର୍ ଏମ୍.ଡି. ସାଫିଉଲ ହକ୍ ଏବଂ ଅମିତ କୁମାର ନାୟକ, ଏବଂ ଫ୍ୟାଶନ କୋରିଓଗ୍ରାଫର୍ ଜନ ଅଜୟ ଭଳି ବିଶେଷଜ୍ଞମାନେ ଉପସ୍ଥିତ ଥିଲେ, ଯେଉଁମାନେ ଅଂଶଗ୍ରହଣକାରୀମାନଙ୍କୁ ମୂଲ୍ୟବାନ ପରାମର୍ଶ ଏବଂ ଉତ୍ସାହ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟକୁ ନେଇ ତିତିଲି ହରାଇଜନ ପ୍ରାଇଭେଟ୍ ଲିମିଟେଡର ସ୍ଥାପକ, ଶ୍ରୀମତି ଅର୍ପିତା ନନ୍ଦ କହିଛନ୍ତି, 'ବର୍ଷ ବର୍ଷ ଧରି, ବଟରଫ୍ଲାଇ କାର୍ନିଭାଲ ଓଡ଼ିଶାର ପିଲା ଏବଂ ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିଛି। ଏହି କାର୍ଯ୍ୟକ୍ରମ କେବଳ ଏକ ପ୍ଲାଟଫର୍ମ ନୁହେଁ; ଏହା ଏକ ପ୍ରୟାସ ଯାହା ସେମାନଙ୍କୁ ସେମାନଙ୍କର ସ୍ୱାଭାବିକ ପ୍ରତିଭାକୁ ପ୍ରଦର୍ଶନ ଏବଂ ଲାଳନପାଳନ କରିବାରେ ସାହାଯ୍ୟ କରେ। ଆତ୍ମବିଶ୍ୱାସ ଏବଂ ସାର୍ବଜନୀନ ଭାଷଣ ଦକ୍ଷତାକୁ ବୃଦ୍ଧିକରି ମାନସିକ ଶକ୍ତି ବିକାଶ କରିବା, ଏବଂ ପ୍ରତିଭାକୁ ଚିହ୍ନିବା ଏବଂ ପୁରସ୍କୃତ କରିବା ହେଉଛି ସର୍ବଦା ଆମର ଲକ୍ଷ୍ୟ ରହିଛି। ଏହି ପରମ୍ପରା ପାଇଁ ଆମେ ଗର୍ବିତ ଏବଂ ଆଗାମୀଦିନରେ ଆମେ ଏହି ସଶକ୍ତିକରଣ ଧାରାକୁ ଆହୁରି ଅଧିକ ଉତ୍ସାହର ସହିତ ଜାରି ରଖିବୁ।'

ୱାଓ ୱେଡିଂସ୍ ଆଣ୍ଡ ଓକେଜନ ପରିଚାଳନା ଏବଂ ସୁନ୍ଦର ଆୟୋଜନ ଅଂଶଗ୍ରହଣକାରୀ ଏବଂ ବିଚାରକଙ୍କଠାରୁ ଆରମ୍ଭକରି ସହାୟକ ପରିବାରବର୍ଗଙ୍କ ପାଇଁ ସମସ୍ତେ ପାଇଁ ଏକ ନିରବିଚ୍ଛିନ୍ନ ଏବଂ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିଥିଲା। ତିତିଲି ହରାଇଜନ ପ୍ରାଇଭେଟ୍ ଲିମିଟେଡ୍ ହେଉଛି ଭୁବନେଶ୍ୱର ଆଧାରିତ ଏକ ସଂଗଠନ ଯାହା ପ୍ରଭାବଶାଳୀ କାର୍ଯ୍ୟକ୍ରମ ଏବଂ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ ନିୟୋଜିତ, ଯାହା ସୃଜନଶୀଳତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହିତ କରେ। ବଟରଫ୍ଲାଇ କାର୍ନିଭାଲ ଭଳି ଅଭିଯାନଗୁଡିକ ମାଧ୍ୟମରେ, ଏହି ସଂଗଠନ ରାଜ୍ୟର ଯୁବା ଏବଂ ମହିଳାଙ୍କୁ କଳା ପ୍ରଦର୍ଶନ ପାଇଁ ସୁଯୋଗ ପ୍ରଦାନ କରେ।

# ୯ମ ଆନ୍ତର୍ଜାତୀୟ ୟୁନିଫର୍ମ ନିର୍ମାତା ମେଳାର ଆୟୋଜନ କରିବ ଏସଜିଏମଏ

ଭୁବନେଶ୍ୱର,୨୮।୯: ସୋଲାପୁର ଗାରମେଂଟ ମାନୁଫ୍ୟାକ୍‌ଚରର୍ସ ଆସୋସିଏଶନ (ଏସଜିଏମଏ) ପକ୍ଷରୁ ମହାରାଷ୍ଟ୍ର ସରକାରଙ୍କ ବୟନଶିଳ୍ପ ବିଭାଗ ସହ ସହଭାଗିତାରେ ୯ମ ଆନ୍ତର୍ଜାତୀୟ ୟୁନିଫର୍ମ ନିର୍ମାତା ମେଳା ୨୦୨୫ର ଘୋଷଣା କରାଯାଇଛି ଯାହା ଆସନ୍ତା ନଭେମ୍ବର ୨୬ରୁ ୨୮ ତାରିଖ ୨୦୨୫ ପର୍ଯ୍ୟନ୍ତ ମୁମ୍ବାଇର ଗୋରେଗାଓଁସ୍ଥିତ ନେସ୍‌କୋ ଏଗ୍‌ଜିବିଶନ ସେଂଟରର ହଲ୍ ନମ୍ବର ୪ରେ ଆୟୋଜିତ ହେବ। ଏହି ତିନି ଦିବସୀୟ ଆନ୍ତର୍ଜାତୀୟ ମେଳା ୧୫୦ରୁ ଅଧିକ ଜାତୀୟ ସ୍ତରୀୟ ବ୍ରାଣ୍ଡଗୁଡିକୁ ଏକତ୍ରିତ କରିବ ଯିଏ ୩୦,୦୦୦ରୁ ଅଧିକ ୟୁନିଫର୍ମ ଡିଜାଇନ ଓ ୧୫୦୦୦ରୁ ଅଧିକ ଫ୍ୟାବ୍ରିକ ଡିଜାଇନ ଉପସ୍ଥାପନ କରିବେ, ଯାହା ଏହାକୁ ବାସ୍ତବରେ ଏକ ପ୍ରଥମ ଧରଣର ପ୍ରଦର୍ଶନୀରେ ପରିଣତ କରୁଛି। ଏହି ଇଭେଂଟ ଗ୍ଲୋବାଲ ୟୁନିଫର୍ମ ଇଣ୍ଡଷ୍ଟ୍ରୀ ପାଇଁ ସର୍ବବୃହତ ସୋର୍ସିଂ ହବ୍ ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି।




ଏହି ପ୍ରଦର୍ଶନୀ ସମ୍ପର୍କରେ ଏସଜିଏମଏ ମେଳାର ଅଧ୍ୟକ୍ଷ ଅଜୟ ରଙ୍ଗରେଜ କହିଛନ୍ତି, "୨୦୧୭ରେ ପ୍ରଥମ ପ୍ରଦର୍ଶନୀ ପରଠାରୁ ଏସଜିଏମଏ ୟୁନିଫର୍ମ କ୍ଷେତ୍ରରେ ନିରନ୍ତର ଭାବେ ଉଦ୍ଭାବନକୁ ଆଗକୁ ବଢାଇ ଆସିଛି। ୯ମ ଆନ୍ତର୍ଜାତୀୟ ୟୁନିଫର୍ମ ନିର୍ମାତା ମେଳା ୨୦୨୫ରେ ସବୁକିଛି ୟୁନିଫର୍ମ ସହ ଜଡିତ ରହିବ ଯେପରିକି ସ୍କୁଲ, ହସ୍ପିଟାଲ, ହୋଟେଲ, କର୍ପୋରେଟ, ସ୍ପୋର୍ଟସ, ୱର୍କୱେୟାର, ଫ୍ୟାବ୍ରିକ, ଆକ୍‌ସେସରି, ଫୁଟ୍‌ୱେୟାର ଇତ୍ୟାଦି, ଯାହା ଗୋଟିଏ ଛାତ ତଳେ ଉପଲବ୍ଧ ହେବ। ଏହା ବିଶ୍ୱର ଏକମାତ୍ର ଏଭଳି ପ୍ଲାଟଫର୍ମ ଭାବେ ବଜାୟ ରହିଛି।" ଚଳିତ ବର୍ଷର ଏହି ସଂସ୍କରଣରେ ଏକ ଏଆଇ-ପରିଚାଳିତ ଭର୍ଚୁଆଲ ଫ୍ୟାଶନ ଶୋ' ରହିବ। ପରିଦର୍ଶକମାନେ ଡିଜିଟାଲ ମାଧ୍ୟମରେ ଫ୍ୟୁଚରିଷ୍ଟିକ ୟୁନିଫର୍ମ ଡିଜାଇନଗୁଡିକର ଅନୁଭବ ପାଇବେ, ଯାହା ଡିଜାଇନ ଭିଜୁଆଲାଇଜେଶନ ଓ ମାର୍କେଟିଂ ପାଇଁ ନୂଆ ବାଟ ଖୋଲିବ।

# ଜିଓମାର୍ଟ ଜିଓ ଉତ୍ସବ ସହିତ ପାର୍ବଣ ଋତୁ ପାଳନ କରନ୍ତୁ

ମୁମ୍ବାଇ,୨୮।୯: ସାରା ଦେଶ ଆନନ୍ଦ, ଏକତା ଏବଂ ଉତ୍ସବର ସମୟ ପାର୍ବଣ ଋତୁରେ ପାଦ ଦେଇଥିବା ବେଳେ ଜିଓମାର୍ଟ ଜିଓଉତ୍ସବ ୨୦୨୫ ଶୁଭାରମ୍ଭ ସହିତ ଏହାକୁ ଆହୁରି ସ୍ୱତନ୍ତ୍ର କରିବାକୁ ପ୍ରସ୍ତୁତ ରହିଛି। ସାରା ଦେଶରେ ଉତ୍ସବର ଭାବନାକୁ ସମ୍ମାନ କରି, ଜିଓମାର୍ଟ ଗ୍ରାହକମାନଙ୍କୁ ଅତୁଳନୀୟ ସଞ୍ଚୟ, ବିସ୍ତୃତ ଉତ୍ପାଦ ଚୟନ ଏବଂ କୌଣସି ଲୁକ୍କାୟିତ ଶୁଳ୍କ ବିନା ଘର ପାଖରେ ଡେଲିଭରି ସୁବିଧା ନେଇଆସିଛି, ଯାହା ଏହାକୁ ସମସ୍ତ ପାର୍ବଣ ଆବଶ୍ୟକତା ପାଇଁ ଏକକ ଗନ୍ତବ୍ୟସ୍ଥଳ କରିଛି। ଧମାକା ସହିତ ସିଜନ ଆରମ୍ଭ କରି, ଜିଓଉତ୍ସବରେ ରହିଛି ୪୪୮୭୦ ରୁ ଆରମ୍ଭ ହେଉଥିବା ଆଇଫୋନ ୧୬ଇ ଯାହା ଭାରତରେ ସବୁଠାରୁ କମ ମୂଲ୍ୟ ମଧ୍ୟରୁ




ଅନ୍ୟତମ। ସେଲରେ ୬୧୭୦୦ ରୁ ଆରମ୍ଭ ହେଉଥିବା ଆଇଫୋନ ୧୬ ପ୍ଲସ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏହା ସହିତ, ଗ୍ରାହକମାନେ ବ୍ଲକବଷ୍ଟର ଇଲେକ୍ଟ୍ରୋନିକ୍ସ ଡିଲ୍ ଉପଭୋଗ କରିପାରିବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ୧୭,୪୯୯ ଟଙ୍କାରୁ ଆରମ୍ଭ ହେଉଥିବା ଇନଫିନିକ୍ସ ଜିଟି ୩୦, ୪୯,୫୯୦ ଟଙ୍କାରୁ ଆରମ୍ଭ ହେଉଥିବା ମ୍ୟାକବୁକକୁ ଅପଗ୍ରେଡ୍ କରିବା ସୁବିଧା, ୧୦,୪୯୦ ଟଙ୍କାରୁ ଆରମ୍ଭ ହେଉଥିବା ସାମସଙ୍ଗ ୩୨ ଇଞ୍ଚ ଟିଭି, ୫,୯୯୦ ଟଙ୍କାରୁ ଆରମ୍ଭ ହେଉଥିବା ସେମି-ଅଟୋମେଟିକ୍ ୱାଶିଂ ମେସିନ୍, ୨୨,୯୯୦ ଟଙ୍କାରୁ ଆରମ୍ଭ ହେଉଥିବା ଏସି, ରୋଷେଇ ଘର ଓ ଗୃହ ଉପକରଣ ଏବଂ ଅଡିଓ ଓ ଆସେସୋରିଜ୍ - ୯୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି।

ଉତ୍ସବକାଳୀନ ସପିଂକୁ ଗ୍ରାହକଙ୍କ ପାଇଁ ଆହୁରି ଅଧିକ ଲାଭପ୍ରଦ କରିବା ପାଇଁ, ଜିଓମାର୍ଟ ଆଇସିଆଇସିଆଇ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଏବଂ ଆରବିଏଲ ବ୍ୟାଙ୍କ ସମେତ ପ୍ରମୁଖ ବ୍ୟାଙ୍କଗୁଡ଼ିକ ସହିତ ୧୦ ପ୍ରତିଶତ ପର୍ଯ୍ୟନ୍ତ ତତକ୍ଷଣାତ ରିହାତି ପ୍ରଦାନ କରୁଛି।



# କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ସମାପନ
# ଛାତ୍ରଛାତ୍ରୀମାନେ ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରନ୍ତୁ

ଭୁବନେଶ୍ୱର, ୨୮।୯ (ନି.ପ୍ର) : କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ରବିବାର ସମାପନ ହୋଇଛି। ତିନିଦିନ ଧରି ଚାଲିଥିବା ଏହି ସମାବର୍ତ୍ତନ ଉତ୍ସବରେ ୧୯୫ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ, ଓ୍ୱକହର୍ଡ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ମାନବବାଦୀ ଓ ଶାନ୍ତି ପ୍ରବକ୍ତା ଡ ହୁଜେଫା ଖୋରାକିଓ୍ୱାଲା, କର୍ମଟିସନ ସକସେସ୍ ରିଭ୍ୟୁର ଅଧକ୍ଷ ତଥା ସଂପାଦକ ଏସ୍. କେ. ସଚଦେବା, ଗୁଏତମାଲା ଗଣରାଜ୍ୟ ସାଂସଦ ଡ ଫିଡେଲ ରାଏସ୍ ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ତଥା ବିଶ୍ୱ ମାନବବାଦୀ ପ୍ରବକ୍ତା ନର୍ବର୍ଟ ସାଉର ଏବଂ ଲାଲଚନ୍ଦ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ସମାବର୍ତ୍ତନ ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଶ୍ରୀ ମୁନାସିଂଘେ କହିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ବିଶ୍ୱର ସ୍ଥାୟିତ୍ୱ ଓ ଶାନ୍ତି ପ୍ରତିଷ୍ଠା ହେଉଛି ପ୍ରମୁଖ ଆହ୍ୱାନ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ ଚେତାଇ ଦେଇ କହିଲେ, ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ତୁରନ୍ତ ଆବଶ୍ୟକ। ସଂପ୍ରତି ବିଶ୍ୱ ପାଇଁ ଯେତିକି ସମ୍ବଳର ଆବଶ୍ୟକତା ରହିଛି, ୨୦୩୦ ମସିହା ବେଳକୁ ଦୁଇଗୁଣା ହୋଇଯିବ। ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଜଷ୍ଟିସ୍ ଅବଦୁଲକ୍ୱାଇ ଅହମ୍ମଦ ଇସୁଫ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ ସେମାନଙ୍କର ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।



ସେହିପରି ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଭାଷଣ ଦେଇ କହିଲେ, ଛାତ୍ରଛାତ୍ରୀମାନେ କିଟ୍ ବିଶ୍ୱବିଦ୍ୟାଳୟର ବିସ୍ତୃତ କ୍ୟାମ୍ପସରେ ଅଧ୍ୟୟନ କରି ବିଶ୍ୱ ନାଗରିକତାର ସ୍ୱପ୍ନ ଦେଖୁଛନ୍ତି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଡ. ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ସେମାନଙ୍କ ମୂଳ ମନ୍ତ୍ର କରିବାକୁ ସେ ଆହ୍ୱାନ ଦେଇଥିଲେ। ଶ୍ରୀ ସଚଦେବା କହିଲେ, କିଟ୍ ଓ କିସ୍ ହେଉଛି ଉତ୍କର୍ଷ ଶିକ୍ଷା ଓ ସମାଜସେବାର ଦୁଇଟି ସ୍ତମ୍ଭ। ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଜଣେ ଦୂରଦୃଷ୍ଟିସଂପନ୍ନ ମାନବବାଦୀ ବ୍ୟକ୍ତିତ୍ୱ। ଯାହାଙ୍କ ଜୀବନ ସେବା, ସ୍ଥିରତା ଏବଂ କରୁଣାର ଉଦାହରଣ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଡ. ଲି କହିଲେ, ଏହି ସମ୍ମାନ ଶିକ୍ଷା, ଶାନ୍ତି ଓ ନ୍ୟାୟ କ୍ଷେତ୍ରରେ ଭାରତ ଓ ଗୁଏତମାଲାର ସମ୍ପର୍କକୁ ପ୍ରତୀତ କରୁଛି। ଡ. ଖୋରାକିଓ୍ୱାଲା କହିଲେ, ଏହି ସମ୍ମାନ ସେବା, କରୁଣା, ଉଦ୍ଦେଶ୍ୟ ଓ ଶାନ୍ତିର ଆଦର୍ଶକୁ ଦୃଢ଼ କରିଛି। ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାବର୍ତ୍ତନରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଦୁଇ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ ଓ୍ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜଗତ ଜନନୀ ବେଶରେ ଦର୍ଶନ ଦେଲେ ମା' ଦୁର୍ଗା

ଜଗତସିଂହପୁର, ୨୮।୯ (ନି.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଛକ ସ୍ଥିତ 'ମା' ଦୁର୍ଗତି ନାଶିନୀ ଦୁର୍ଗା ଙ୍କ ମନ୍ଦିରରେ ମୁଳଷ୍ଟମୀ ତିଥିରୁ ପାରମ୍ପରିକ ପ୍ରଥା ଅନୁସାରେ ଚାଲିଛି ପାର୍ବଣ ପୂଜା ଶାରଳା ଓ ଦୁର୍ଗା ଏକ ବୋଲି ବିଭିନ୍ନ ପୁରାଣରେ ବର୍ଣ୍ଣିତ କରାଯାଇଥିବାରୁ ଏହି 'ମା' ଦୁର୍ଗାଙ୍କ ମନ୍ଦିର ରେ ଷୋଳ ପୂଜା ଭକ୍ତି ନିଷ୍ଠାର ସହ ପାଳନ କରାଯାଏ । ଷୋଳପୂଜା ରେ 'ମା' ନାଲି ବସ୍ତ୍ର ଧାରଣ କରି ଫୁଲରେ ସୁସଜିତ ହୋଇ ଥାନ୍ତି । ବିଭିନ୍ନ ଦିନ ବିଭିନ୍ନ ଭେସରେ ମା ପୂଜା ପାଉଥିବା ବେଳେ । ଶନିବାର ସନ୍ଧ୍ୟାରେ ମା ଜଗତ ଜନନୀ ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଶାରଦୀୟ ପାର୍ବଣ ପୂଜା ପାଇଁ ମନ୍ଦିର ଚଳ ଚଞ୍ଚଳ ହୋଇପଡିଥିବା ବେଳେ,ପଣ୍ଡିତ ଶ୍ରୀଯୁକ୍ତ. ଅଶୋକ କୁମାର ଦାସ ଏହି ପୂଜାର ମୁଖ୍ୟ ପୁରୋଧା ରୂପରେ ପୂଜା କରୁଥିବା ବେଳେ ନିତ୍ୟାନନ୍ଦ ବିଶ୍ୱାଳ ଏହି ପୂଜା କର୍ତ୍ତା ରୂପେ ଭାର ତୁଲାଉଛନ୍ତି । ଶନିବାର ମା ପୀଠଦେବୀ ଙ୍କ ପୀଠରେ କଳିକା ନୃତ୍ୟ ପରିବେଷଣ କରାଯାଇଛି ବୋଲି ପୂଜା କମିଟି ପକ୍ଷରୁ ଜଣାପଡିଛି ।



# ପବିତ୍ର ପୁରୁଷ : ପୁରନ୍ଦର ମିଶ୍ର

ରାୟପୁର, ୨୮।୯ (ନି.ପ୍ର) ; ପୁରନ୍ଦର ମିଶ୍ର ଜଣେ ସାଧାରଣ ମଣିଷ ନୁହଁନ୍ତି। ସେ ଜଣେ ଅନୁଷ୍ଠାନ। ଅଧୁନା ରାୟପୁର ନଗର ଉତ୍ତର ଆସନରୁ ବିଧାୟକ ଥିବା ଶ୍ରୀ ମିଶ୍ର ରାୟପୁରର ଗାୟତ୍ରୀ ନଗରଠାରେ ଛତିଶଗଡ଼ର ସର୍ବ ବୃହତ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ସହିତ ଛତିଶଗଡ଼ରେ ବାସକରୁଥିବା ପ୍ରାୟ ପଇଁତିରିଶ ଲକ୍ଷ ପ୍ରବାସୀ ଓଡ଼ିଆ ସମ୍ପ୍ରଦାୟକୁ ନେଇ ଗଠିତ ବୃହତ ଓଡ଼ିଆ ସମାଜର ସଭାପତି ଅଛନ୍ତି । ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀ ମିଶ୍ର ଏକାଧାରରେ ଜଣେ ରାଷ୍ଟ୍ରନେତାର ଦୃଷ୍ଟିଭଙ୍ଗୀ ରଖୁଥିବା ରାଜନୈତିଜ୍ଞ, ମାନବ କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ସମାଜସେବୀ, ସୁଦକ୍ଷ ସଙ୍ଗଠକ, ତୃଣମୂଳ ସ୍ତର ସହିତ ସଫଳ ସଂଯୋଗକାରୀ, ଗରିବ ହିତୈଷୀ ନୀତି ନିର୍ଦ୍ଧାରକ, ଜନଗଣଙ୍କର ପ୍ରଖର ପ୍ରେରଣାଦାୟୀ, ସର୍ବୋପରି ଲୋକଙ୍କୁ ନିର୍ମଳ ହୃଦୟରେ ଭଲ ପାଉଥିବା ଜଣେ ଲୋକାଭିମୁଖୀ ନେତା ଅଟନ୍ତି। ଜଣେ କର୍ମଠ, ସଚ୍ଚୋଟ, ସ୍ନେହୀ, ଉତ୍ସର୍ଗୀକୃତ, ପରୋପକାରୀ, ବଦାନ୍ୟ, ଦରଦୀ,ମେଳାପି, ବିଶ୍ୱସ୍ତ, ନିଷ୍ଠାପର ତଥା ଦାୟିତ୍ୱବାନ ଆଦି ସୁଗୁଣ ସମ୍ପନ୍ନ ଶ୍ରୀ ମିଶ୍ରଙ୍କର ତଳ ସ୍ତରରେ କାର୍ଯ୍ୟ କରିବା ନେଇ ବିଶେଷତା ,ସମସ୍ୟାର ସରଳ ସମାଧାନ କରିବା ନେଇ ବିଚକ୍ଷଣତା ଏବଂ ଜନତା ଜନାର୍ଦ୍ଦନଙ୍କୁ ପ୍ରଭାବିତ କରିବା ନେଇ ଅସାମାନ୍ୟ ପାରଦର୍ଶିତା ରହିଛି। ବର୍ତ୍ତମାନର ଷଷ୍ଠ ଛତିଶଗଡ଼ ବିଧାନସଭାରେ ସେ ଏକମାତ୍ର ଓଡ଼ିଆ ସଦସ୍ୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୬୬ ବର୍ଷୀୟ ଶ୍ରୀ ମିଶ୍ର ୧୯୫୯ ଜାନୁୟାରୀ ତିନି ତାରିଖରେ ମହାସମୁନ୍ଦର ବସନା ବ୍ଲକ ସ୍ଥିତ ଦୁର୍ଗାପାଲି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୭ ବର୍ଷ ବୟସରେ ସେ ପିତୃହରା ହୋଇଥିଲେ। ପିଲାବେଳୁ ତାଙ୍କର ଜେଜେବାପା ପଣ୍ଡିତ ତ୍ରିଲୋଚନ ପ୍ରସାଦ ମିଶ୍ର ତାଙ୍କର ଲାଳନପାଳନ ଓ ଶିକ୍ଷା ଦୀକ୍ଷା କଥା ବୁଝି ଆସିଛନ୍ତି ଏବଂ ତାଙ୍କୁ ଭବିଷ୍ୟତରେ ବଡ଼ ମଣିଷ ହେବା ପାଇଁ ପ୍ରେରଣା ଯୋଗାଇଛନ୍ତି । ଶିକ୍ଷା ଜୀବନରେ ଜଣେ ମେଧାବୀ ଛାତ୍ର ରହି ଆସିଥିବା ପୁରନ୍ଦର ମିଶ୍ର ରାୟପୁରର ଜଣେ ଜଣାଶୁଣା ଚାଟାର୍ଡ ଏକାଉଣ୍ଟାଣ୍ଟ ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ଏହା ସାଙ୍ଗକୁ ସେ ଟିକସ ମାମଲାର ଆଇନଜିବୀ ଭାବରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି। ଶ୍ରୀ ମିଶ୍ର ୧୯୮୩ ମସିହା ଫେବୃୟାରୀ ୧୫ ତାରିଖରେ ସରସ୍ୱତୀ ମିଶ୍ରଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇପୁଅ ଯୁବନେତା ପୀୟୂଷ ମିଶ୍ର ଏବଂ ତରୁଣ ସମାଜସେବୀ ସୌରଭ ମିଶ୍ର ଅଟନ୍ତି। ଏକମାତ୍ର ଝିଅ ପ୍ରୀତି ଦେବତା ଉଦୀୟମାନ ଶିଳ୍ପଦ୍ୟୋଗୀ ଅଜୟ ଦେବତାଙ୍କୁ ବିବାହ କରିଛନ୍ତି। ବିଧାୟକ ରହିବା ସାଙ୍ଗକୁ ନିଜର ଅଧ୍ୟବସାୟ ଓ ସମର୍ପିତ ସେବା ପାଇଁ ଶ୍ରୀ ମିଶ୍ର ବହୁ ସମ୍ମାନସ୍ପଦ ପଦ ପଦବୀରେ ଆସୀନ ହେବାର ଗୌରବ ଅର୍ଜନ କରିଛନ୍ତି। ଏବେ ସେ ରାୟପୁରର ଶ୍ରୀ ଜଗନ୍ନାଥ ମନ୍ଦିରକୁ ପରିଚାଳନା କରୁଥିବା ସେବାସଙ୍ଘର ସଭାପତି, ଓ୍ୱାର୍ଲଡ ଓଡ଼ିଶା ସୋସାଇଟି ରାୟପୁର ଶାଖାର ମୁଖ୍ୟ ପୃଷ୍ଠପୋଷକ, ଛତିଶଗଡ଼ ପରିବହନ ମହାସଙ୍ଘର ପୃଷ୍ଠପୋଷକ ଏବଂ ରାୟପୁର ମେଟ୍ରୋପଲିଟାନ କବାଡ଼ି ସଙ୍ଘର ଉପଦେଷ୍ଟା ରହିଛନ୍ତି। ନିଜର ଅନନ୍ୟ ଅବଦାନ ଓ ଉଲ୍ଲେଖନୀୟ ସମାଜ ସେବା ପାଇଁ ଶ୍ରୀ ମିଶ୍ରଙ୍କୁ ବହୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଛି। ଏ ମଧ୍ୟରେ ଓ୍ୱାର୍ଲଡ ଓଡ଼ିଶା ସୋସାଇଟି ପକ୍ଷରୁ ପ୍ରଥମ ପ୍ରବାସୀ ଓଡ଼ିଆ ସମ୍ମାନ, ଶ୍ରୀ ଜଗନ୍ନାଥ ପୁରସ୍କାର ଆଦି ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଲୋକପ୍ରିୟ ଆହ୍ୱାନ 'ମା ପାଇଁ ଗଛଟିଏ' ଦ୍ୱାରା ବ୍ୟାପକ ଭାବେ ଉଦବୁଦ୍ଧ ହୋଇ ଶ୍ରୀ ମିଶ୍ର ନିଜର ପୈତୃକ ଗ୍ରାମ ଦୁର୍ଗାପାଲିଠାରେ ଦୁଇଶହ ଏକାବନଟି ସିନ୍ଦୂର ଚାରା ରୋପଣ କରି ପହଲଗାମ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଉଦ୍ୟାନ ନିର୍ମାଣ କରିଛନ୍ତି। ନିକଟରେ ରାଜ୍ୟର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଐତିହାସିକ ଉଦ୍ୟାନକୁ ଉଦଘାଟନ କରିଥିଲେ।ସମାଜର ଶେଷ ପାହାଚରେ ଦଣ୍ଡାୟମାନ ଥିବା ସାଧାରଣ ଲୋକଙ୍କର ଜୀବନ ଓ ଜୀବିକାର ମାନକୁ ଉନ୍ନତ ତଥା ଉତ୍ତମ କରିବା ପାଇଁ ତାଙ୍କର ରାଜନୀତି ଅଭିପ୍ରେତ ବୋଲି ଦର୍ଶାଉଥିବା ଶ୍ରୀ ମିଶ୍ର ବାସ୍ତବରେ ସମାଜରେ ଜଣେ ପବିତ୍ର ପୁରୁଷର ମାନ୍ୟତା ପ୍ରାପ୍ତ କରିଛନ୍ତି।



# ପୋତାପୋଖରୀ ପଇସା ପୂଜା କମିଟିର ସାମ୍ବାଦିକ ସମ୍ମିଳନୀ

କଟକ, ୨୮।୯ (ନି.ପ୍ର) : ଶାରଦୀୟ ଦୁର୍ଗାପୂଜା ଅବସରରେ ପୋତାପୋଖରୀ ପଇସା ପୂଜା କମିଟି ପକ୍ଷରୁ ଆଜି (ଶନିବାର) ପୂଜା ମଣ୍ଡପ ପରିସରରେ ଚୂଡାନ୍ତ ପୂଜା ପ୍ରସ୍ତୁତିକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୨୮ ତାରିଖ ତଥା ଷଷ୍ଠୀରେ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପାରମ୍ପରିକ ରିତୀନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ସପ୍ତମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ପର୍ବ, ଅଷ୍ଟମୀରେ ପୂଜା କମିଟି ତରଫରୁ ଶ୍ରୀ ଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ପକ୍ଷରୁ 'ଶ୍ରୀ ଜଗନ୍ନାଥ ଚେତନା କୁଇଜ' ଅନୁଷ୍ଠିତ ହେବା ସହ ଏକ ହଜାରେରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କୁ ନେଇ ସମୂହ ସ୍ୱାଧାୟ ପରେ ସାମୁହିକ କୁଇଜ ଓ 'ଶ୍ରୀ ଜଗନ୍ନାଥ କଥାମୃତ' ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଡଃ ଶୁଭେନ୍ଦୁ ସ୍ୱାଇଁ, ପଣ୍ଡିତ ଲିଙ୍ଗରାଜ ପତି କୁଇଜ ମାଷ୍ଟର ଭାବେ ଯୋଗ ଦେବେ । ଏଥିସହିତ ପ୍ରସିଦ୍ଧ ସଙ୍ଗୀତଜ୍ଞ ତାନସେନ ସିଂହ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦେବା ପାଇଁ କମିଟି ପକ୍ଷରୁ ଉପଦେଷ୍ଟା ସୁବୋଧ ମହାନ୍ତି ଅନୁରୋଧ କରିଛନ୍ତି । ସେହିପରି ନବମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ପର୍ବ ଏବଂ ଦଶମୀରେ ୪ ହଜାରେରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ଦହି ପଖାଳର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ ସୁଚନା ପ୍ରଦାନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ସଭାପତି ରମେଶ ଚନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଡଃ ପ୍ରଭୁ ଚରଣ ମହାନ୍ତି, ଉପସଭାପତି ବିନୋଦ ନାୟକ, ସମ୍ପାଦକ ମନୋଜ ମହାରଣା, କାର୍ଯ୍ୟକାରୀ ସମ୍ପାଦକ ବାପି ରାୟ, ସତ୍ୟ ରଞ୍ଜନ ସାହୁ, ବିରେନ୍ଦ୍ର ସିଂହ, ଚନ୍ଦ୍ରକାନ୍ତ ଦାସ, ସମ୍ବିତ ଦାସ, ଅମୀୟ ସ୍ୱାଇଁ, ଆଶୁତୋଷ ବିଶ୍ୱାଳ, ପୀତବାସ ବେହେରା, ସୁମନ୍ତ ନାୟକ, ରୋନିତ ମହାରଣା, ରଞ୍ଜନ ଦାସ, ସନତ କୁମାର ନାୟକ, ବିଭୁ ଖଟୁଆ, ପୀତବାସ ବେହେରା, ସୁଜିତ ମହାନ୍ତି, ଦୀପକ ବେହେରା, ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



**Notice** (above 18 years of age)

By virtue of an affidavit sworn before Executive Magistrate/Notary Public, Cuttack, dated 11.09.2025. I **MANASH TARAI** (New name) Address - Rajabagicha, P.O- Telengabazar, P.S.- Purighat, Dist.-Cuttack, Pin- 753009, Odisha declare that I have changed my name from **MAMATA TARAI** (Old Name) to **MANASH TARAI** (New Name). Henceforth, I shall be known as **MANASH TARAI** (New Name).

**MANASH TARAI**
(New Name)

**Notice** (above 18 years of age)

By virtue of an affidavit sworn before Executive Magistrate/Notary Public, Cuttack, dated 11.09.2025. I **TANUSH SETHI** (New name) Address - Samanta Sahi, Near Anand Nivas, P.O- Buxibazar, P.S.- Purighat, Dist.-Cuttack, Pin- 753001, Odisha declare that I have changed my name from **ALFA SETHI** (Old Name) to **TANUSH SETHI** (New Name). Henceforth, I shall be known as **TANUSH SETHI** (New Name).

**TANUSH SETHI**
(New Name)

**Notice** (above 18 years of age)

By virtue of an affidavit sworn before Executive Magistrate/Notary Public, Cuttack, dated 22.09.2025. I **DURGESH DAS** (New name) Address CDA, Sector-6, P.O- Abhinav Bidanasi, P.S. Markat Nagar, Dist.-Cuttack, Pin- 753014, Odisha declare that I have changed my name from DURGESWARI DAS (Old Name) to **DURGESH DAS** (New Name) Henceforth, I shall be known as **DURGESH DAS** (New Name).

**DURGESH DAS**
(New Name)



# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଲିସାସ୍ ଆଇ.ଏସ.ଏସ୍ ଅନୁଷ୍ଠାନର ଗ୍ରାମାଞ୍ଚଳ ପରୀକ୍ଷାର୍ଥୀମାନଙ୍କର ସଫଳତା

ଭୁବନେଶ୍ୱର, ୨୮।୯ : ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ରାଜ୍ୟର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଲିସାସ୍ ଆଇ.ଏସ.ଏସ୍‌ରେ ଗ୍ରାମାଞ୍ଚଳର ପରୀକ୍ଷାର୍ଥୀମାନେ ଉତ୍କର୍ଷତା ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ଏହି ସଂକ୍ରାନ୍ତରେ ଅନୁଷ୍ଠାନର ନିର୍ଦ୍ଦେଶିକା ଡଃ ଲୀନୁ ଚୟନୀ ସୂଚନା ଦେଇ କୁହନ୍ତି ଯେ, ଏହି ଅନୁଷ୍ଠାନରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଶତକଡା ୬୦ଭାଗରୁ ଉର୍ଦ୍ଧ୍ୱ ଗ୍ରାମାଞ୍ଚଳରୁ ଆସିଥିବା ପରୀକ୍ଷାର୍ଥୀ। ସେମାନେ ବହୁ ବାଧାବିଘ୍ନକୁ ଅତିକ୍ରମ କରି ଭୁବନେଶ୍ୱର ଆସି ଲିସାସ୍ ଆଇ.ଏସ.ଏସ୍ କୋଚିଂ ସେଣ୍ଟରରେ ପ୍ରଶିକ୍ଷଣ ଗ୍ରହଣ କରନ୍ତି ଏବଂ ଅକ୍ଳାନ୍ତ ପରିଶ୍ରମ କରି ସଫଳତା ହାସଲ କରନ୍ତି। ଆଗାମୀ ଦିନରେ ଗ୍ରାମାଞ୍ଚଳର ପରୀକ୍ଷାର୍ଥୀଙ୍କ ଏହି ସଫଳତା ଅନ୍ୟମାନଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ ବୋଲି ଡଃ ଚୟନୀ ଆଶା ପ୍ରକଟ କରନ୍ତି। ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ଅନୁଷ୍ଠାନର ଏକ ନୂତନ କାର୍ଯ୍ୟକ୍ରମ Unique Positive Personality Development Programme ଆରମ୍ଭ କରାଯାଇଅଛି।

## ଶୁଭେଚ୍ଛା

ଶ୍ରୀ ଶ୍ରୀ ମା' ଦୁର୍ଗତିନାଶିନୀ ମହିଁସାମର୍ଦ୍ଧିନୀ ଦଶଭୁଜା ମା'ଦୁର୍ଗାଙ୍କ ଶାରଦୀୟପୂଜା ଓ ଦଶହରା ପର୍ବ ଅବସରରେ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀର ଅଗଣିତ ଜନସାଧାରଣଙ୍କୁ ମୋର ଶାରଦୀୟ ଅଭିନନ୍ଦନ, ଦର୍ପଦଳିନୀ ସମ୍ଭୁତସୁତା ମା' ଦୁର୍ଗାଙ୍କ ଆଶିର୍ବାଦରୁ ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରି ଶୁଭେଚ୍ଛା ଜଣାଉଛି । ଆପଣଙ୍କର ସୁଖ ଦୁଃଖର ସାଥୀ

**ଶ୍ରୀମନ୍ତ କୁମାର ତ୍ରିପାଠୀ**

(ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରୀୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ)



## ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ

ରେ.ନଂ- ୪୦/ଆର.ସି.ଏସ୍. (ଓଡ଼ିଶା)

ପ୍ଲଟ ସଂ- ସି- ୮୮, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ପୋ- ବରମୁଣ୍ଡା, ଭୁବନେଶ୍ୱର-୩

### ବାର୍ଷିକ ସାଧାରଣ ସଭା ନୋଟିସ୍

ନୋଟିସ୍ ସଂ- ୧୪(ସା) ତା ୨୬/୦୯/୨୦୨୫    ପତ୍ର ସଂ ୧୯୮/୨୦୨୪-୨୫ ତା ୨୬/୦୯/୨୦୨୫

ଏତଦ୍ୱାରା ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃର ସମସ୍ତ ସାଧାରଣ ସଭ୍ୟ/ସଭ୍ୟାମାନଙ୍କୁ ଅବଗତ କରାଯାଉଅଛି ଯେ, ଉକ୍ତ ସମିତିର ୨୩ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା ୧୦/୧୦/୨୦୨୫ ରିଖ ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ପ୍ଲଟ ନଂ- ସି-୮୮, ବରମୁଣ୍ଡା ହାଉସିଂବୋର୍ଡ଼ କଲୋନୀ, ପୋ- ବରମୁଣ୍ଡା, ଭୁବନେଶ୍ୱର-୩ ସ୍ଥିତ ସମିତି କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ।

ଏଣୁ ସମିତିର ସମସ୍ତ ସାଧାରଣ ସଭ୍ୟ/ସଭ୍ୟାବୃନ୍ଦ ଉକ୍ତ ସାଧାରଣ ସଭାର ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଅନୁରୋଧ

**କାର୍ଯ୍ୟସୂଚୀ:-**

୧. ଗତ ବାର୍ଷିକ ସାଧାରଣ ସଭାର ଲିଖିତ ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଦୃଢ଼ୀକରଣ ସହ ୨୦୨୫-୨୬ ବର୍ଷର ବାର୍ଷିକ କାର୍ଯ୍ୟକ୍ରମ ଗ୍ରହଣ।
୩. ୨୦୨୪-୨୫ ବର୍ଷର ଆୟ ବ୍ୟୟ ସମୀକ୍ଷା ଓ ୨୦୨୫-୨୬ ବର୍ଷର ଆୟ ବ୍ୟୟ ଅଟକଳ ମଞ୍ଜୁର।
୪. ୨୦୧୫-୧୬ ରୁ ୨୦୨୪-୨୫ ବର୍ଷ ପାଇଁ ଅଡ଼ିଟ୍ ସମ୍ପର୍କରେ।
୫. ସମିତିର ଉପବିଧି ସଂଶୋଧନ ଓ ତତ୍‌ସଲଗ୍ନ ପ୍ରସ୍ତାବ ଗ୍ରହଣ ସମ୍ପର୍କରେ ଆଲୋଚନା।
୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମୋଦନ କ୍ରମେ)

ପରିଚାଳନା ପରିଷଦ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ
ସ୍ୱା/- ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ

